## ରାଜ୍ୟ ବିଜେପିରେ 'ଟିକଟ' ଅସନ୍ତୋଷ

# ବିଗୁଡ଼ୁଛି ଗଣିତ, ତୁଟୁଛି ଧର୍ମେନ୍ଦ୍ରଙ୍କ ସ୍ୱପ୍ନ

- ସମ୍ବଲପୁର ସାଂସଦଙ୍କ ପତ୍ନୀ ଅରୁନ୍ଧତୀ ବିଜେଡିରେ ସାମିଲ
- ପୁଅ ନମନ ଗଙ୍ଗଦେବଙ୍କ ସହ ନେଲେ ନବୀନଙ୍କ ଆଶୀର୍ବାଦ
- ପ୍ରାର୍ଥୀଙ୍କୁ ନେଇ ରାଉରକେଲାରେ ନିହାରଙ୍କ ସମର୍ଥକ ଅସୁଖୀ
- ଜଗତସିଂହପୁର ବିଜେପିରେ ଅମରେନ୍ଦ୍ରଙ୍କ ବିରୋଧରେ ମେଳି
- ଟିକଟ କଟିବା ପରେ ଅସନ୍ତୋଷ ପ୍ରକାଶ କଲେ ବିଧାୟକ ବୁଧାନ
- କୈଳାଶ, ଡମ୍ବରଙ୍କୁ ଗ୍ରହଣ କରିବାକୁ ମୂଳ ବିଜେପି କର୍ମୀ ନାରାଜ
- ଜଳେଶ୍ୱର ଓ ରଣପୁରରେ ମଧ୍ୟ ତେଜୁଛି ବିରୋଧ

**ଭୁବନେଶ୍ୱର, ୧୬।୪(ସମିସ):** ବିଜେପିର ପ୍ରଥମ ପର୍ଯ୍ୟାୟ ବିଧାନସଭା ଟିକଟ ଘୋଷଣା ପରେ ରାଜ୍ୟବ୍ୟାପୀ ବିଦ୍ରୋହ, ଅସନ୍ତୋଷର ନିଆଁ ଦେଖାଦେଇଥିଲା। ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାକୁ ନେଇ ରାଜ୍ୟ କାର୍ଯ୍ୟାଳୟଠାରୁ ଆରମ୍ଭ କରି ତୃଣମୂଳସ୍ତର ଯାଏଁ ତୀବ୍ର ପ୍ରତିବାଦ ଜାରି ରହିଥିବା ବେଳେ ଏଯାବତ୍ ଏହା ଥମିନାହିଁ। ଏପଟେ ଆଜି ଦ୍ୱିତୀୟ ପର୍ଯ୍ୟାୟ ବିଜେପି ଟିକଟ ଘୋଷିତ ହେବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ସମାନ ଭାବେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରେ ଟିକଟରୁ ବଞ୍ଚିତ ହୋଇଥିବା ଆଶାୟୀ ବିଦ୍ରୋହ ଆରମ୍ଭ କରିଥିବା ବେଳେ କେତେକ ବରିଷ୍ଠ ନେତା ଆଜି ଦଳ ଛାଡ଼ିଛନ୍ତି। ରାଜ୍ୟ ବିଜେପିରେ ଅସନ୍ତୋଷ ନିଆଁ ଥମୁ ନ ଥିବା ବେଳେ ଆଜିର ଘୋଷଣା ବିଜେପି ପାଇଁ ନୂଆ ସମସ୍ୟା ସୃଷ୍ଟି କରିଛି।

ସମ୍ବଲପୁର ବିଜେପି ସାଂସଦ ତଥା ଦେବଗଡ଼ ରାଜା ନୀତେଶ ଗଙ୍ଗଦେବଙ୍କ ପତ୍ନୀ ରାଣୀ ଅରୁନ୍ଧତୀ ଦେବୀ ଆଜି ବିଜେପିରୁ ଇସ୍ତଫା ପ୍ରଦାନ କରିଛନ୍ତି। ସେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ପୁଅ ନମନ ଗଙ୍ଗଦେବ ସହ ବିଜେଡିରେ ଯୋଗଦାନ କରିଛନ୍ତି। ଦଳରେ ନୀତେଶଙ୍କୁ ଅଣଦେଖା ଏବଂ ତାଙ୍କୁ ଟିକଟ ନ ଦେବାକୁ ନେଇ ଅସନ୍ତୋଷ ପ୍ରକାଶ କରି ସେ ଦଳ ଛାଡ଼ିଥିବା ଆଲୋଚନା ହେଉଛି। ଅରୁନ୍ଧତୀ ଦେବୀଙ୍କ ଯୋଗଦାନ ବିଜେପିକୁ ପ୍ରଚଣ୍ଡ ଧକ୍କା ଦେଇଛି ଓ ଦଳ ଦେବଗଡ଼ରେ ଦୁର୍ବଳ ହୋଇଛି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଦେବଗଡ଼ ବିଜେପି ବଳରେ ନିଜକୁ ବଳିଆର ଭାବୁଥିବା ସମ୍ବଲପୁର ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ରଙ୍କ ସ୍ୱପ୍ନ ଭାଙ୍ଗିବା ଆରମ୍ଭ ହୋଇଛି।

ସେହିପରି ଆଜି ରାଉରକେଲାରୁ ଦିଲ୍ଲୀପ ରାୟଙ୍କୁ ପ୍ରାର୍ଥୀ କରାଯିବା ପରେ ସେଠାରେ ମଧ୍ୟ ବିଜେପିରେ ଅସନ୍ତୋଷ ଦେଖା ଦେଇଛି। ଟିକଟ ଆଶାୟୀ ଦଳର ରାଜ୍ୟ ମୁଖପାତ୍ର ଧୀରେନ୍ ସେନାପତି ମୁହଁ ଫୁଲାଇ ବସିଥିବାବେଳେ ଅନ୍ୟତମ ଆଶାୟୀ ନିହାର ରାୟଙ୍କ ବହୁ ସମର୍ଥକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ତୁରନ୍ତ ପ୍ରାର୍ଥୀ ବଦଳ କରି ନିହାରଙ୍କୁ ଟିକଟ ଦେବାକୁ ସେମାନେ ଦାବି କରିଛନ୍ତି। ଦଳର ଟିକଟ କଳିରୁ ବାଦ୍ ପଡ଼ିନାହିଁ ଜଗତସିଂହପୁର। ଏଠାରୁ ବିଜେଡି ଛାଡ଼ି ବିଜେପିରେ ମିଶିଥିବା ଅମରେନ୍ଦ୍ର ଦାସଙ୍କୁ ଦଳ ପ୍ରାର୍ଥୀ କରିଥିବା ବେଳେ ଅନ୍ୟତମ ଟିକଟ ଆଶାୟୀ ତଥା ଜିଲ୍ଲା ସଭାପତି ସତ୍ୟବ୍ରତ(ଗୁଣ୍ଡା) ମହାପାତ୍ରଙ୍କ ସମର୍ଥକମାନେ ଅସନ୍ତୋଷ ଜାହିର୍ କରିଛନ୍ତି। ଗୁଣ୍ଡା ଭାଇଙ୍କୁ ଟିକଟ ନମିଳିଲେ ସେମାନେ ଚରମ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ସାରସକଣାରେ ସିଟିଂ ବିଧାୟକ ଡ. ବୁଧାନ ମୁର୍ମୁଙ୍କ ଟିକଟ କଟିବାକୁ ସେ ସହଜରେ ଗ୍ରହଣ କରିପାରି ନାହାନ୍ତି। ଦଳ ତାଙ୍କ ସହ ପ୍ରତାରଣା କରିଛି ବୋଲି ସେ କହିବା ସହ ନିଷ୍ପତ୍ତିକୁ ନେଇ କଡ଼ା ଅସନ୍ତୋଷ ପ୍ରକାଶ କରିଛନ୍ତି। ବୁଧାନ କଂଗ୍ରେସରେ ଯୋଗ ଦେଇପାରନ୍ତି ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

ଚିତ୍ରକୋଣ୍ଡାରେ ଡମ୍ବରୁ ଶିଶା ଓ ଲକ୍ଷ୍ମୀପୁରରେ କୈଳାସ କୁଲେସିକାଙ୍କୁ ଟିକଟ ମିଳିବା ପରେ ସ୍ଥାନୀୟ ବିଜେପି କର୍ମୀ ଏହାର ପ୍ରତିବାଦ କରିଛନ୍ତି। ବାହାରି ନେତାଙ୍କୁ ଦଳରେ ବରଦାସ୍ତ କରାଯିବ ନାହିଁ ବୋଲି ସଫା ସଫା ଶୁଣାଇଛନ୍ତି ଡମ୍ବରୁ ବିରୋଧୀ। ସମାନ ଚିତ୍ର ଲକ୍ଷ୍ମୀପୁରରେ ମଧ୍ୟ ଦେଖିବାକୁ ମିଳିଛି। ଏଠାରେ ନିକଟରେ ବିଜେଡି ଛାଡ଼ି ବିଜେପିରେ ଯୋଗଦେବା ପରେ କୈଳାଶ ଚନ୍ଦ୍ର କୁଲେସିକାଙ୍କୁ ଦଳ ପ୍ରାର୍ଥୀ କରିଛି। ଦଳର ଏପରି ନିଷ୍ପତ୍ତିରେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି ଅନ୍ୟ ଆଶାୟୀ। ଦଳ ପାଇଁ ଆମେ ଦିନ ରାତି ଏକ କରିଥିଲୁ। ମାତ୍ର ରାତାରାତି ଦଳକୁ ଜଣେ ବାହାରି ନେତା ଆସି ଟିକଟ ନେବା ଆଦୌ ବରଦାସ୍ତ ନୁହେଁ ବୋଲି କୈଳାସ ବିରୋଧୀ ଗୋଷ୍ଠୀ କହିଛନ୍ତି। ରଣପୁରରେ ତାପସ ମାର୍ଥାଙ୍କ ଟିକଟ ବଦଳାଇ ସୁରମା ପାଢ଼ୀଙ୍କୁ ଦିଆଯିବା ପରେ ମାର୍ଥାଙ୍କ ସମର୍ଥକ ଏହାର ତୀବ୍ର ପ୍ରତିବାଦ କରିଛନ୍ତି। ତାପସଙ୍କୁ ଟିକଟ ମିଳିବା ପରେ ସେ ପ୍ରଚାର ଆରମ୍ଭ କରି ଦେଇଥିଲେ। ମାତ୍ର ଏହାପରେ ତାଙ୍କ ଟିକଟ ବଦଳ କରାଯାଇ ଅନ୍ୟ ଜଣକୁ ଦିଆଯିବା କିଭଳି ନ୍ୟାୟ ବୋଲି ତାଙ୍କ ସମର୍ଥକମାନେ ପ୍ରଶ୍ନ କରିଛନ୍ତି। ସେହିପରି ଜଳେଶ୍ୱରରେ ମଧ୍ୟ ବ୍ରଜମୋହନ ପ୍ରଧାନଙ୍କୁ ଟିକଟ ମିଳିବା ପରେ ବଡ଼ ଧରଣର ଅସନ୍ତୋଷ ଦେଖିବାକୁ ମିଳିଛି। ରାଜ୍ୟବ୍ୟାପୀ ବିଜେପିରେ ଏପରି ଅସନ୍ତୋଷ ଆଗକୁ ଦଳ ପାଇଁ ବୁମେରାଂ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି।



ସମ୍ବଲପୁର ସାଂସଦ ତଥା ଦେବଗଡ଼ ରାଜା ନୀତେଶ ଗଙ୍ଗଦେବଙ୍କ ପତ୍ନୀ ଅରୁନ୍ଧତୀ ଦେବୀ ଓ ତାଙ୍କ ପୁତ୍ର ନମନ ଗଙ୍ଗଦେବ ବିଜେଡିରେ ଯୋଗ ଦେଇଛନ୍ତି। ଆଜି ସନ୍ଧ୍ୟାରେ ନବୀନ ନିବାସଠାରେ ସେମାନେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ଏହି ସମୟରେ ସାଂସଦ ମାନସ ମଙ୍ଗରାଜ ଉପସ୍ଥିତ ଥିଲେ।

## ବାରବାଟୀ ବସ୍ ଦୁର୍ଘଟଣା

# ବେପରୁଆ ଗାଡ଼ି ଚାଳନା ଦାୟୀ !

**କଟକ,୧୬।୪ (ସମିସ):** ଯାଜପୁର ଜିଲ୍ଲା ଜାତୀୟ ରାଜପଥ ୧୬ର ବାରବାଟୀ ଛକଠାରେ ଘଟିଥିବା ମର୍ମନ୍ତୁଦ ବସ୍ ଦୁର୍ଘଟଣାରେ ପରିବହନ ବିଭାଗ ଖୋଳତାଡ଼ ଆରମ୍ଭ କରିଛି ବୋଲି ଅତିରିକ୍ତ ପରିବହନ କମିସନର ଲାଲ ମୋହନ ସେଠୀ କହିଛନ୍ତି। ଦୁର୍ଘଟଣାଗ୍ରସ୍ତ ବସ୍‌ର ଫିଟ୍‌ନେସ୍ ଠିକ୍ ନଥିଲା। ଗାଡ଼ି ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ହିଁ ଏହି ଦୁର୍ଘଟଣା ଘଟିଥାଇପାରେ ବୋଲି କହିଛନ୍ତି ଶ୍ରୀ ସେଠୀ। ଗାଡ଼ି ଦ୍ରୁତଗତିରେ ଯାଉଥିଲା କିମ୍ବା ଚାଳକ ଜଣକ ମୋବାଇଲ ମନସ୍କ ଥିଲେ ବୋଲି କୁହାଯାଉଛି।

### ଏନ୍‌ଏଚ୍‌ଆର୍‌ସିରେ ମାମଲା

ସେହିପରି ଗାଡ଼ିର ବ୍ରେକ୍ ମଧ୍ୟ ଆଦୌ ମରାଯାଇନଥିବା ତଦନ୍ତରୁ ଜଣାପଡ଼ିଛି। ସମ୍ପୃକ୍ତ ଗାଡ଼ି ଚାଳକଙ୍କ ବିରୋଧରେ ଫୌଜଦାରୀ ମାମଲା ଦାୟର କରାଯିବ। ସେହିପରି ଗାଡ଼ି ଚାଳକଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷେ ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର କମିସନରେ ମାମଲା ରୁଜୁ ହୋଇଛି। ୬ ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ୩୦ ଲକ୍ଷ ଟଙ୍କା ଓ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ୫୦ଜଣଙ୍କୁ ଉନ୍ନତ ମାଗଣା ଚିକିତ୍ସା ଯୋଗାଇ ଦେବା ଓ ଦଶ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାକୁ ନ୍ୟାୟ ପାଇଁ ଲଢେଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଦାବି କରିଛନ୍ତି।

# ବିଜେପିରେ ମିଳୁନି ମହିଳାଙ୍କୁ ଗୁରୁତ୍ୱ

- ବିଜେପିର 'ନାରୀ ବନ୍ଦନ'କୁ ରାଜ୍ୟ ନେତାଙ୍କ ଉପହାସ
- ବିଧାନସଭା ପାଇଁ ୮ ପ୍ରତିଶତରୁ କମ୍ ମହିଳାଙ୍କୁ ଟିକଟ
- ଲୋକସଭା ନିର୍ବାଚନ ଲଢ଼ିବେ ମାତ୍ର ୪ ଜଣ ମହିଳା

**ଭୁବନେଶ୍ୱର, ୧୬।୪(ସମିସ):** ରାଜ୍ୟ ବିଜେପି ଏବଂ କେନ୍ଦ୍ର ବିଜେପିର କାର୍ଯ୍ୟଶୈଳୀ ସମ୍ପୂର୍ଣ୍ଣ ଅଲଗା। ନିକଟରେ ବିଜେପି ଛାଡ଼ିଥିବା ପ୍ରମୁଖ ନେତା ତଥା ଆଗଧାଡ଼ିର ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର ଯେଉଁ ଅଭିଯୋଗ ଆଣିଛନ୍ତି ତାହା ସମ୍ପୂର୍ଣ୍ଣ ସତ୍ୟ ବୋଲି ପ୍ରମାଣିତ ହୋଇଛି। ନାରୀଶକ୍ତି ବନ୍ଦନ ଅଧିନିୟମ ଅଧିନରେ ସଂସଦ ଓ ରାଜ୍ୟ ବିଧାନସଭାରେ ୩୩ ପ୍ରତିଶତ ମହିଳାଙ୍କୁ ସଂରକ୍ଷଣ ଦେବା ପାଇଁ ନିକଟରେ କେନ୍ଦ୍ରରେ ବିଜେପି ସରକାର ବ୍ୟବସ୍ଥା କରିଛନ୍ତି। ଦଳର ଜାତୀୟ ନେତାମାନେ ମହିଳା ସମ୍ମାନ, ବେଟି ବଚାଓ, ବେଟି ପଢ଼ାଓର ଆହ୍ୱାନ ଦେଇ ଆସୁଛନ୍ତି। ମାତ୍ର ରାଜ୍ୟ ବିଜେପି ନେତୃତ୍ୱ ଉପରେ ଏହି ଅଭିଯାନର କାଣିଚାଏ ପ୍ରଭାବ ପଡ଼ିନଥିବା ଅନୁଭବ ହେଉଛି। ବିଜେପି ଏଯାବତ୍ ୧୩୧ ବିଧାନସଭା ଏବଂ ସମସ୍ତ ୨୧ ଲୋକକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛି। ମାତ୍ର ଦଳ ବିଧାନସଭାରେ ୮ ପ୍ରତିଶତରୁ କମ୍ ମହିଳାଙ୍କୁ ଟିକଟ ଦେଇଥିବା ବେଳେ ୨୧ ଲୋକସଭା ଆସନରେ ୪ ଜଣ ମହିଳାଙ୍କୁ ପ୍ରାର୍ଥୀ କରିଛି।

ବିଧାନସଭା ପାଇଁ ରାଜ୍ୟ ବିଜେପି ପକ୍ଷରୁ ଘୋଷିତ ପ୍ରାର୍ଥୀଙ୍କ ମଧ୍ୟରେ ମାତ୍ର ୧୦ ଜଣ ମହିଳା ଅଛନ୍ତି। ଯାହା ଘୋଷିତ ଆସନ ସଂଖ୍ୟାର ମାତ୍ର ୭.୬୩ ପ୍ରତିଶତ। ସେହିପରି ଦଳ ସମସ୍ତ ୨୧ ଲୋକସଭା ପାଇଁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ମାତ୍ର ୧୯ ପ୍ରତିଶତ ମହିଳାଙ୍କୁ ଟିକଟ ପ୍ରଦାନ କରିଛି। ମହିଳାଙ୍କୁ ଏତେ କମ୍ ଆସନରେ ଟିକଟ ପ୍ରଦାନକୁ ନେଇ ସାଧାରଣରେ ଭ୍ରୂକୁଞ୍ଚନ ସୃଷ୍ଟି ହୋଇଛି। ଦଳରେ ମହିଳାଙ୍କ ଭାଗିଦାରୀ ବୃଦ୍ଧି ପାଇଁ ରାଜ୍ୟ ନେତୃତ୍ୱ ସେପରି କିଛି ପଦକ୍ଷେପ ନେଇନାହାନ୍ତି। ଯାହାଫଳରେ ଦଳରେ ମହିଳା ସଂଗଠକ ଏବଂ ନେତ୍ରୀଙ୍କ ସଂଖ୍ୟା ସେତେ ଉତ୍ସାହଜନକ ହୋଇପାରି ନାହିଁ। ସେହିପରି ଯେଉଁ ମହିଳା ଦଳରେ ଦୀର୍ଘବର୍ଷ ଧରି କାମ କରି ଆସୁଛନ୍ତି, ସେମାନଙ୍କୁ ଉଚିତ୍ ନ୍ୟାୟ ଏବଂ ସମ୍ମାନ ମିଳୁନାହିଁ। ଯାହାଫଳରେ ସେମାନେ ନିରାଶ ହୋଇ ଦଳ ଛାଡୁଛନ୍ତି। ଅପରପକ୍ଷେ ଆଉ ଗୋଟିଏ ମହଲ ରାଜ୍ୟ ବିଜେପି ମହିଳା ସଶକ୍ତିକରଣର ସପକ୍ଷବାଦୀ ନୁହେଁ ବୋଲି ସିଧାସଳଖ ଆରୋପ ଲଗାଇଛନ୍ତି।

ପକ୍ଷାନ୍ତରେ ଶାସକ ବିଜୁ ଜନତା ଦଳ କିନ୍ତୁ ମହିଳା ଭାଗିଦାରୀକୁ ନେଇ ନିଜର ପ୍ରତିବଦ୍ଧତା ଲଗାତାର ପ୍ରଦର୍ଶନ କରିଆସୁଛି। ଗତ ୨୦୧୯ ଲୋକସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ୩୩ ପ୍ରତିଶତ ମହିଳାଙ୍କୁ ଟିକଟ ଦେଇ ଉଦାହରଣ ସୃଷ୍ଟି କରିଥିଲେ। ଆସନ୍ତା ବିଧାନସଭା ଏବଂ ଲୋକସଭା ପାଇଁ ଦଳର ପ୍ରାର୍ଥୀ ଘୋଷଣା ଚାଲିଥିବା ବେଳେ ବିଜେଡିରେ ସମାନ ଟ୍ରେଣ୍ଡ ଜାରି ରହିଛି। ଆଜିକୁ ମିଶାଇ ଦଳ ପକ୍ଷରୁ ଏଯାବତ୍ ୧୧୭ ବିଧାନସଭା ଏବଂ ସମସ୍ତ ୨୧ ଲୋକସଭା ପାଇଁ ପ୍ରାର୍ଥୀ ଘୋଷଣା ସରିଛି। ଏଥିରୁ ବିଧାନସଭା ପାଇଁ ମୁଖ୍ୟମନ୍ତ୍ରୀ ୨୨ ଏବଂ ଲୋକସଭାରେ ୭ ଜଣ ମହିଳାଙ୍କୁ ପ୍ରାର୍ଥୀ କରି ସାରିଛନ୍ତି। ମହିଳା ସଶକ୍ତିକରଣ ପ୍ରତି ପ୍ରତିବଦ୍ଧତାକୁ ପୂରଣ କରିବାକୁ ଯାଇ ମୁଖ୍ୟମନ୍ତ୍ରୀ ଲୋକସଭାରେ ୩୩ ପ୍ରତିଶତ ଅର୍ଥାତ୍ ୭ ଜଣ ମହିଳା ପ୍ରାର୍ଥୀଙ୍କୁ ଟିକଟ ପ୍ରଦାନ କରିଛନ୍ତି। ସେହିପରି ବିଧାନସଭାରେ ଏଯାବତ୍ ପ୍ରାୟ ୧୯ ପ୍ରତିଶତ ମହିଳାଙ୍କୁ ଟିକଟ ପ୍ରଦାନ କରାଯାଇ ସାରିଛି।

## 'ବିଏସ୍‌କେୱାଇ'କୁ ବନ୍ଦ କରିବାକୁ ଧର୍ମେନ୍ଦ୍ରଙ୍କ ଷଡ଼ଯନ୍ତ୍ରକୁ ବିଜେଡିର କଡ଼ା ଜବାବ

# ଓଡ଼ିଶାବାସୀଙ୍କୁ ମାଗଣା ଚିକିତ୍ସା ମିଳିଲେ କେନ୍ଦ୍ରମନ୍ତ୍ରୀଙ୍କୁ କାହିଁକି ବାଧୁଛି

**ଭୁବନେଶ୍ୱର,୧୬।୪(ସମିସ):** ବିଏସ୍‌କେୱାଇ କେବଳ ଏକ ସ୍ୱାସ୍ଥ୍ୟ କାର୍ଡ ନୁହେଁ, ଗରିବ ଲୋକଙ୍କ ଆତ୍ମବିଶ୍ୱାସର ଓ ସଶକ୍ତିକରଣର ପ୍ରତୀକ। ବିଏସ୍‌କେୱାଇ କାର୍ଡ ଓଡ଼ିଶାବାସୀଙ୍କୁ ଏହି ଗ୍ୟାରେଣ୍ଟି ଦେଇଛି ଯେ ସେମାନେ ରୋଗରେ ପୀଡିତ ହେଲେ ସେମାନଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିବ ନାହିଁ। ବିଏସ୍‌କେୱାଇ ବିନା ମୂଲ୍ୟରେ ସେମାନଙ୍କୁ ସର୍ବୋତ୍ତମ ସ୍ୱାସ୍ଥ୍ୟ ସେବାର ଆଶ୍ୱାସନା ଦେଇଛି। କିନ୍ତୁ ଘୋର ପରିତାପର ବିଷୟ ଓଡ଼ିଶା ଲୋକଙ୍କ ସ୍ୱାସ୍ଥ୍ୟ ସଞ୍ଜୀବନୀ ବୋଲାଉଥିବା ବିଏସ୍‌କେୱାଇ ଯୋଜନାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ହୀନ ରାଜନୀତି କରୁଛନ୍ତି ଓ ଏହି ଯୋଜନାକୁ ବନ୍ଦ କରବାକୁ ବିଧିବଦ୍ଧ ଷଡ଼ଯନ୍ତ୍ର କରୁଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ଏପରି କାର୍ଯ୍ୟକୁ ତୀବ୍ର ନିନ୍ଦା କରିବା ସହ ସତ୍ ସାହସ ଥିଲେ ଶ୍ରୀ ପ୍ରଧାନ ଏହାକୁ ଦଳରନ ନିର୍ବାଚନୀ ଇସ୍ତାହାରରେ ଉଲ୍ଲେଖ କରନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ଡ଼. ସସ୍ମିତ ପାତ୍ର। ଏହା ସହିତ ବିଏସ୍‌କେୱାଇ ପ୍ରତି କେନ୍ଦ୍ରମନ୍ତ୍ରୀଙ୍କ ବିଦ୍ୱେଷ କାହିଁକି ବୋଲି ଉଲ୍ଲେଖ କରି ଯଦି ଓଡ଼ିଶାବାସୀ ବିଏସକେୱାଇ ସ୍ୱାସ୍ଥ୍ୟ କାର୍ଡରୁ ଉପକୃତ ହେଉଛନ୍ତି, ତେବେ କେନ୍ଦ୍ରମନ୍ତ୍ରୀଙ୍କୁ କାହିଁକି କଷ୍ଟ ହେଉଛି ବୋଲି ଡକ୍ଟର ପାତ୍ର ପ୍ରଶ୍ନ କରିଛନ୍ତି।

ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଡ଼ ପାତ୍ର କହିଛନ୍ତି ଯେ ବିଏସ୍‌କେୱାଇ ହେଉଛି ଦେଶର ସର୍ବଶ୍ରେଷ୍ଠ ସ୍ୱାସ୍ଥ୍ୟ ଯୋଜନା। ସରକାରୀ ଡାକ୍ତରଖାନାରେ ବିନା ମୂଲ୍ୟରେ ଅସୀମିତ ସ୍ୱାସ୍ଥ୍ୟ ସେବାର ଗ୍ୟାରେଣ୍ଟି ହେଉଛି ବିଏସ୍‌କେୱାଇ ସ୍ମାର୍ଟ କାର୍ଡ। ରାଜ୍ୟ ଓ ଦେଶର ବଡ଼ ବଡ଼ କର୍ପୋରେଟ୍ ହସ୍ପିଟାଲରେ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଏବଂ ପୁରୁଷଙ୍କ ପାଇଁ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁନିଶ୍ଚିତ କରାଯାଇଛି। ଏଭଳି ଏକ ଜନପ୍ରିୟ ଯୋଜନାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜନୀତି କରିବା କ୍ଷୋଭର ବିଷୟ। ବିଏସ୍‌କେୱାଇ ପାଇଁ ଓଡ଼ିଶାରେ ୬୫୨ଟି ଡାକ୍ତରଖାନା ଏବଂ ୧୬ଟି ରାଜ୍ୟରେ ୧୬୪ଟି ପ୍ରମୁଖ ଡାକ୍ତରଖାନା ତାଲିକାଭୁକ୍ତ ହୋଇଛନ୍ତି ଏବଂ ଏହି ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇ ଚାଲିଛି। ଗତ ବର୍ଷକ ମଧ୍ୟରେ ଓଡ଼ିଶାରେ ୩୬ ଲକ୍ଷରୁ ଅଧିକ ରୋଗୀ ଚିକିତ୍ସିତ ହୋଇଛନ୍ତି। ବିଏସ୍‌କେୱାଇ ଯୋଗୁଁ ଓଡ଼ିଶା ଲୋକଙ୍କର ଗୋଟିଏ ବର୍ଷରେ ୩୦୦୦ କୋଟିରୁ ଅଧିକ ଟଙ୍କା ସଞ୍ଚୟ ହୋଇପାରିଛି ଯାହାକୁ ସେମାନେ ନିଜର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ବ୍ୟବହାର କରିପାରିବେ। ଗତ ବର୍ଷକ ଭିତରେ ବିଏସକେୱାଇ ମାଧ୍ୟମରେ ଦେଶର ବିଭିନ୍ନ ରାଜ୍ୟରେ ପ୍ରାୟ ଦେଢ଼ ଲକ୍ଷ ଲୋକଙ୍କୁ ଓଡ଼ିଶା ବାହାରେ ଚିକିତ୍ସା କରାଯାଇଛି। ବିଏସକେୱାଇ କାରଣରୁ ସେମାନେ ଗତ ଏକ ବର୍ଷ ମଧ୍ୟରେ ପ୍ରାୟ ରାଜ୍ୟ ବାହାରେ ଚିକିତ୍ସା କରି ୩୮୫ କୋଟି ଟଙ୍କା ସଞ୍ଚୟ କରିପାରିଛନ୍ତି। କିନ୍ତୁ ଓଡ଼ିଶା ବିଜେପିର ନେତା, ବିଧାୟକ ଏବଂ ବିଶେଷ କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏହି କାର୍ଯ୍ୟକ୍ରମକୁ ବନ୍ଦ କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି।



- ଲୋକଙ୍କ ଆତ୍ମବିଶ୍ୱାସର ଓ ସଶକ୍ତିକରଣର ପ୍ରତୀକ ସାଜିଛି ବିଏସ୍‌କେୱାଇ କାର୍ଡ
- ବର୍ଷକରେ ଗରିବ ଲୋକଙ୍କ ସଞ୍ଚୟ କରିଛନ୍ତି ୩ ହଜାର କୋଟିରୁ ଅଧିକ

ଓଡ଼ିଶାରେ ବର୍ଷକୁ ପ୍ରାୟ ୩୬ ଲକ୍ଷ ରୋଗୀ ଚିକିତ୍ସିତ ହେଉଥିବା ବେଳେ ଓଡ଼ିଶା ବାହାରୁ ଦେଢ଼ ଲକ୍ଷ ରୋଗୀ ଚିକିତ୍ସିତ ହୋଇଛନ୍ତି। ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କ'ଣ ଚାହୁଁଛନ୍ତି କି, ଏହି ଲକ୍ଷ ଲକ୍ଷ ଓଡିଆମାନେ ବିଏସକେୱାଇ ସ୍ୱାସ୍ଥ୍ୟ କାର୍ଡ ଜରିଆରେ ଯେଉଁ ଚିକିତ୍ସା ସୁବିଧା ପାଉଛନ୍ତି ତାହା ନ ପାଆନ୍ତୁ ବୋଲି? ଯଦି ଶ୍ରୀ ପ୍ରଧାନ ଭାବୁଛନ୍ତି ଯେ ବିଏସକେୱାଇ ଏକ ଖରାପ କାର୍ଯ୍ୟକ୍ରମ, ତେବେ ତାଙ୍କ ଦଳର ଇସ୍ତାହାରର ବିଏସକେୱାଇ ସ୍ୱାସ୍ଥ୍ୟ କାର୍ଡକୁ ବନ୍ଦ କରିଦେବେ ବୋଲି ଉଲ୍ଲେଖ କରନ୍ତୁ ବୋଲି ଡ଼. ପାତ୍ର ଆହ୍ୱାନ ଦେଇଛନ୍ତି।

# ଆଠଗଡ଼ରେ ବିଜେଡିର ଶକ୍ତି ପ୍ରଦର୍ଶନ

- ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା, ବିଶାଳ ବାଇକ ଶୋଭାଯାତ୍ରା
- ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବାକୁ ସଂତୃପ୍ତଙ୍କ ଆହ୍ୱାନ
- ରଣେନ୍ଦ୍ରଙ୍କ ପ୍ରଶ୍ନ ଆଚ୍ଛେଦିନ୍ ଗଲା କୁଆଡେ?

**ତିଗିରିଆ/ଆଠଗଡ଼,୧୬।୪(ସମିସ):** ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ସମ୍ମାନଜନକ ଆଠଗଡ଼ ନିର୍ବାଚନ ମଣ୍ଡଳୀରେ ଉଷ୍ମତା ସେତିକି ବଢ଼ିବାରେ ଲାଗିଛି। ନିର୍ବାଚନୀ ପ୍ରଚାରରେ ଜାତୀୟ କଂଗ୍ରେସ ଦଳ ଆବଶ୍ୟକତାଠାରୁ ଯଥେଷ୍ଟ ପଛରେ ରହି ପରିସ୍ଥିତିର ଅନୁଧ୍ୟାନ କରୁଥିବା ବେଳେ ତା ପଛକୁ ବିଜେପି ଧାଇଁଛି। ତେବେ ଆଜି ଆଠଗଡ଼ର ୩ନଂ ଜୋନ୍‌ରେ ବିଜୁ ଜନତା ଦଳ ତାର ପ୍ରଥମ ଶକ୍ତି ପଦର୍ଶନ କରିଛି। ଚଳିତ ସାଧାରଣ ନିର୍ବାଚନ ପାଇଁ କଟକ ଲୋକସଭା ଓ ଆଠଗଡ଼ ବିଧାନସଭା ଆସନ ପାଇଁ ପ୍ରାର୍ଥିପତ୍ର ଦାଖଲ ପୂର୍ବରୁ ବିଜୁ ଜନତା ଦଳ ସମସ୍ତ ରଣନୀତି ପ୍ରସ୍ତୁତ କରିବା ସହିତ ନିର୍ବାଚନୀ ରୋଡମ୍ୟାପ ପ୍ରସ୍ତୁତ କରି ଦଳ ପକ୍ଷରୁ ଆଜିଠାରୁ ପ୍ରଚାର କାର୍ଯ୍ୟ ଜୋରଦାର ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଆଠଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୩ନଂ ଜିଲ୍ଲା ପରିଷଦ ଜୋନ୍‌ରେ କଟକ ଲୋକସଭା ଆସନ ପାଇଁ ସାଂସଦ ପ୍ରାର୍ଥୀ ହୋଇଥିବା ଡ. ସଂତୃପ୍ତ ମିଶ୍ର ଓ ଆଠଗଡ଼ ବିଧାନସଭା ଆସନ ପାଇଁ ବିଧାୟକ ଟିକେଟ ପାଇ ନିର୍ବାଚନ ଲଢୁଥିବା ଭେଟେରାନ୍ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମିଳିତ ଭାବେ



ବିଶାଳ ଶୋଭାଯାତ୍ରା ସହ ଓ ସାଧାରଣ ସଭା କରି କେନ୍ଦ୍ର ସରକାରଙ୍କୁ ଦୃଢ଼ ସମାଲୋଚନା କରିବା ସହ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ଭାବେ ମୁଖ୍ୟମନ୍ତ୍ରୀ ପଦରେ ଆସୀନ କରିବା ପାଇଁ ଜନସାଧାରଣ ଓ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ।

ଗୋପବନ୍ଧୁ ମହିଳା ମହାବିଦ୍ୟାଳୟ ନିକଟସ୍ଥ ମିନି ଷ୍ଟାଡିୟମରେ ଆୟୋଜିତ ସାଧାରଣ ସଭାରେ ଆଠଗଡ଼ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ନାଥ ରାଉତ ପୌରୋହିତ୍ୟ କରିଥିଲେ। ଏହି ସଭାରେ ଲୋକସଭା ପ୍ରାର୍ଥୀ ଶ୍ରୀ ମିଶ୍ର ଓଡ଼ିଶାରେ ଆଜି ଯେଉଁ ବିକାଶ ଘଟିଛି ଏବଂ ଯେଉଁସବୁ ନବୀକରଣ କାର୍ଯ୍ୟ ସମ୍ପନ୍ନ ହୋଇଛି ତାହା କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ତଥା ନିର୍ମଳ ଶାସନ ଦ୍ୱାରା ସମ୍ଭବ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ଓଡ଼ିଶାର ଏହି ବିକାଶ ଧାରାକୁ ଆହୁରି ତ୍ୱରାନ୍ୱିତ କରିବାକୁ ବିଜୁ ଜନତା ଦଳ ଏକମାତ୍ର ବିଶ୍ୱାସ ଯୋଗ୍ୟ ଦଳ ବୋଲି ଅଭିହିତ କରିବା ସହ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଆହୁରି ଟାଣ କରିବାକୁ ନିବେଦନ କରିଥିଲେ। ସେହିପରି ବିଧାୟକ ପ୍ରାର୍ଥୀ ଶ୍ରୀ ସ୍ୱାଇଁ ନିଜର ଅଭିଭାଷଣ ଆରମ୍ଭରୁ କେନ୍ଦ୍ରଶାସିତ ବିଜେପି ସରକାରଙ୍କ ଉପରେ ବର୍ଷିବା ଆରମ୍ଭ କରିଥିଲେ। ଶ୍ରୀ ସ୍ୱାଇଁ ସିଧାସଳଖ କେନ୍ଦ୍ର ସରକାରଙ୍କ ଆଚ୍ଛେଦିନ କୁଆଡେ ଗଲା ବୋଲି ପ୍ରଶ୍ନ କରି ୨ ଲକ୍ଷ ନିଯୁକ୍ତି ପ୍ରତିଶ୍ରୁତି କେବଳ ଫମ୍ପା ଆୱାଜ ବୋଲି କହିଥିଲେ। ଦେଶରେ ଦରଦାମ ନିୟନ୍ତ୍ରଣ ବାହାରକୁ ଚାଲିଯାଉଥିବା ପ୍ରକାଶ କରି ରଣେନ୍ଦ୍ର କେନ୍ଦ୍ର ସରକାରଙ୍କୁ ଶିଳ୍ପପତିଙ୍କ ସରକାର କହି କଟାକ୍ଷ କରିଥିଲେ। କାର୍ଯ୍ୟକ୍ରମରେ ଆଠଗଡ଼ ଏନଏସି ଅଧ୍ୟକ୍ଷା ସସ୍ମିତା ରାଉତ, ତିଗିରିଆ ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସେରିଫେଡର ଅଧ୍ୟକ୍ଷ ଭାଗିରଥି ନନ୍ଦ, ୩ନଂ ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ୧ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା, କଟକ ଜିଲ୍ଲା ବିଜୁ ଜନତା ଦଳ ଉପସଭାପତି ନୃସିଂହ ଚରଣ ମହାପାତ୍ର, କଟକ ଜିଲ୍ଲା ବିଜେଡି ସମ୍ପାଦକ ଲଳିତେନ୍ଦୁ ସେନାପତି, ତିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ସୁନିଲ ପରିଡ଼ା, ପ୍ରଦୀପ୍ତ ଦାସ ପ୍ରମୁଖ ନିଜ ନିଜର ଅଭିଭାଷଣରେ ରାଜ୍ୟ ସରକାର ନିଜ ଶାସନ କାଳ ମଧ୍ୟରେ କରିଥିବା ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବା ସହ ଏହି ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଆଗକୁ ଚାଲୁ ରଖିବାକୁ ହେଲେ ବିଜୁ ଜନତା ଦଳ ଏକମାତ୍ର ନିର୍ଭରଯୋଗ୍ୟ ଦଳ ବୋଲି ପ୍ରକାଶ କରିଥିଲେ।

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ବିଜେଡି

# ନିୟମ ଭାଙ୍ଗିବାକୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ବିଜେପି ପ୍ରାର୍ଥୀ



**ଭୁବନେଶ୍ୱର, ୧୬।୪(ସମିସ):** ପ୍ରତିଦିନ ନିର୍ବାଚନ ଆଚରଣ ବିଧି ଖୋଲାଖୋଲି ଉଲ୍ଲଂଘନ କରିବା ଏବେ ରାଜ୍ୟ ବିଜେପିର ଅଭ୍ୟାସରେ ପରିଣତ ହୋଇଛି। ଦଳର ନେତା ଓ ପ୍ରାର୍ଥୀମାନେ ନିୟମ ଭାଙ୍ଗିବାକୁ ନିଜ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଛୋଟ ଛୋଟ ପିଲାମାନଙ୍କୁ ନିର୍ବାଚନ ପ୍ରଚାର କରୁଥିବାର ସ୍ୱର୍ଶକାତର ଘଟଣା ସାମ୍ନାକୁ ଆସୁଛି। ଆଜି ଚିକିଟି ନିର୍ବାଚନମଣ୍ଡଳୀରେ ଏପରି ଘଟଣାର ପୁନରାବୃତ୍ତି ଘଟିଥିବା ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ଗତ ୧୩ ତାରିଖରେ ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀର ପାତିସୁନାପୁର ଗାଁରେ ବିଜେପି ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରାୟ ଏବଂ ତାଙ୍କ ପତ୍ନୀ ମୀନା ଦ୍ୟାନସାମନ୍ତରାୟ ନିର୍ବାଚନ ରାଲି କରିବା ସହ ରାଜ୍ୟରେ ୪୦ ଡିଗ୍ରୀ ଖରା ଜାରି ରହିଥିବା ବେଳେ ଛୋଟ ଶିଶୁମାନଙ୍କ ହାତରେ ଦଳୀୟ ପତାକା ଧରାଇ ସେମାନଙ୍କ ସହ ନିଜେ ପ୍ରାର୍ଥୀ ନାଚିଥିଲେ। ଯାହା ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ ଓ ଘଟଣାର ଗମ୍ଭୀରତାକୁ ବିଚାରକୁ ନେଇ ତୁରନ୍ତ ସେମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡିର ପ୍ରତିନିଧି ଦଳ ସିଇଓଙ୍କ ନିକଟରେ ଦାବି ଜଣାଇଛି।

- ଖୋର୍ଦ୍ଧା, କେନ୍ଦ୍ରାପଡ଼ା ପରେ ଏବେ ବିବାଦରେ ଚିକିଟି ବିଜେପି ନେତା
- ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି ଚିକିଟି ବିଜେପି ବିଧାୟକ ପ୍ରାର୍ଥୀ
- ଛୋଟ ପିଲାଙ୍କୁ ନିର୍ବାଚନ ସମାବେଶ ଓ ରାଲିରେ ସାମିଲ କରିଛନ୍ତି
- ୪୦ ଡିଗ୍ରୀ ଖରାରେ ପିଲାଙ୍କ ଜୀବନ ସହ ଖେଳୁଛନ୍ତି ବିଜେପି ନେତା

ତେଣୁ ଏ ସମ୍ପର୍କରେ ତୁରନ୍ତ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦଳ ଦାବି କରିଛି। ଏହି ପ୍ରତିନିଧି ଦଳରେ ସାଂସଦ ସସ୍ମିତ ପାତ୍ର, ସୁଲତା ଦେଓ, ମୁଖପାତ୍ର ଲେଲିନ୍ ମହାନ୍ତି, ସ୍ୱର୍ଣ୍ଣପ୍ରକାଶ ମହାପାତ୍ର, ଇପ୍ସିତା ସାହୁ, ମଧୁସ୍ମିତା ନାୟକ, ପ୍ରିୟବ୍ରତ ମାଝୀ, ଓମପ୍ରକାଶ ସାହୁ, ତୁମ୍ବନାଥ ପଣ୍ଡା, ମିହିର ରାୟପ୍ରମୁଖ ସାମିଲ ଥିଲେ।

# ବାଲେଶ୍ୱରରେ ତାତି ୪୦ ଡିଗ୍ରୀ ପାର୍




ବାଲେଶ୍ୱର, ୧୬।୪(ସମିସ): ମଙ୍ଗଳବାର ସକାଳ ସାତଟାରୁ ବାଲେଶ୍ୱର ଜିଲ୍ଲାରେ ଖରାର ପ୍ରକୋପ ବଢ଼ିବାରେ ଲାଗିଥିଲା। ଦିନ ବଢ଼ିବା ସହିତ ଜିଲ୍ଲାର ସବୁଆଡେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥିଲା। ଚଳିତ ବର୍ଷ ପ୍ରଥମ ଥର ପାଇଁ ଆଜି ବାଲେଶ୍ୱର ପାରଦ ଉପରମୁହାଁ ହୋଇଛି। ତାପମାତ୍ରା ୪୦.୩୦ଡିଗ୍ରୀ ଟପିବା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିଲା। ଦିନ ୧୧ଟା ଠାରୁ ଅପରାହ୍ନ ପର୍ଯ୍ୟନ୍ତ ଗରମ ଝାଞ୍ଜି ପବନ ବହିବା ସହିତ ପ୍ରବଳ ଗୁଳୁଗୁଳି ଅନୁଭୂତ ହୋଇଥିଲା। ଏପରିକି ଖରାବେଳେ କିଛି ଅଞ୍ଚଳରେ ରାସ୍ତାଘାଟ ଶୂନଶାନ ହୋଇପଡ଼ିଥିଲା। ଭୁବନେଶ୍ୱର ପାଣିପାଗ କାର୍ଯ୍ୟାଳୟର ସୂଚନା ଅନୁସାରେ ଚଳିତବର୍ଷ ମାର୍ଚ୍ଚ ମାସରୁ ଆରମ୍ଭ କରି ମେ ମାସ ପର୍ଯ୍ୟନ୍ତ ରାଜ୍ୟରେ ଅସମ୍ଭାଳ ତାତି ଅନୁଭୁତ ହେବା ସହ ଏଲନିନୋ ପ୍ରଭାବ ଅଧିକ ରହୁଥିବାରୁ ଅଧିକ ତାତି ଅନୁଭୁତ ହେବ।କେବଳ ଏପ୍ରିଲ୍ ନୁହେଁ ଏପ୍ରିଲ୍‌ରୁ ଜୁନ୍ ମାସ ପର୍ଯ୍ୟନ୍ତ ତାତି ପ୍ରକୋପ ଅଧିକ ରହିବା ସହ ରାଜ୍ୟବାସୀ ଗରମ ଗୁଳୁଗୁଳିରେ ଅତିଷ୍ଠ ହେବା ସହିତ ଅନ୍ୟପଟେ ଏହି ୩ ମାସରେ ବର୍ଷାର ପରିମାଣ କମ୍ ରହିବା ସହିତ ସ୍ୱାଭାବିକ ତୁଳନାରେ ଅଧିକ ଦିନ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌) ପକ୍ଷରୁ କୁହାଯାଇଛି। ବିଭାଗ ପକ୍ଷରୁ ସୋମବାର ଏପ୍ରିଲ୍-ଜୁନ୍ ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ସ୍ଥିତିକୁ ନେଇ ଜାରି ହୋଇଥିବା ଋତୁକାଳୀନ ଆକଳନରେ କୁହାଯାଇଛି ଯେ ଚଳିତ ବର୍ଷ ଏପ୍ରିଲ୍ ମାସରେ ଗ୍ରୀଷ୍ମ ପ୍ରବାହ ଦିନ ସଂଖ୍ୟା ଅଧିକ ରହିପାରେ। ସାଧାରଣତଃ ଏପ୍ରିଲ ମାସରେ ହାରାହାରି ୧ରୁ ୩ ଦିନ ଗ୍ରୀଷ୍ମ ପ୍ରବାହର ଅବଧି ରହୁଥିବା ବେଳେ ଚଳିତ ବର୍ଷ ଏପ୍ରିଲ ମାସ ୩ ରୁ ୮ ଦିନ ଅନୁଭୂତ ହେବାର ସମ୍ଭାବନା ରହିଛି। ସେହିପରି ଚଳିତ ଏପ୍ରିଲ୍‌ରେ ସ୍ୱାଭାବିକ ଠାରୁ ଦିନ ତାପମାତ୍ରା ଅଧିକ ରହିବା ସହ ଗ୍ରୀଷ୍ମପ୍ରବାହ ସ୍ୱାଭାବିକ ତୁଳନାରେ ଅଧିକ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି।ତେବେ ଆଜି ପ୍ରବଳ ଗ୍ରୀଷ୍ମ ପ୍ରବାହ ପାଇଁ ବାଲେଶ୍ୱରରେ ସାଧାରଣ ଜୀବନ ଯାତ୍ରା ବ୍ୟାହତ ହେଇଛି।ଆଜି ଦିନ ଏଗାରଟା ପରେ କୌଣସି ଜରୁରୀ କାମ ନଥିଲେ, ଲୋକେ ଆଉ ଘରୁ ବାହାରକୁ ବାହାରି ନାହାନ୍ତି।ଆବଶ୍ୟକ ସ୍ଥଳେ ଯଦି କିଏ ଘରୁ ବାହାରକୁ ବାହାରିଛି, ତେବେ ମୁଣ୍ଡରେ ଟୋପି କିମ୍ବା ଓଦା ଗାମୁଛା ପକାଇ ଛତା ଖାଞ୍ଚି ଘରୁ ବାହାରୁ ଥିବା ଦେଖାଯାଇଛି। ବିଶେଷ କରି ଗୋରୁ, ଗାଈ, କୁକୁର ଓ ବିଲେଇ ପ୍ରଭୁତି ପଶୁ ମାନଙ୍କ ପାଇଁ ଆଜିର ତତଲା ଖରା ହେଇଛି ଅତ୍ୟନ୍ତ କଷ୍ଟ ଦାୟକ।ବୁଲା କୁକୁର, ଗୋରୁ, ଗାଈ ଓ ଷଣ୍ଢ ମାନେ ଖରା ଦାଉରୁ ନିଜକୁ ରକ୍ଷା କରିବା ପାଇଁ ଜଳାଶୟରେ ଆଶ୍ରୟ ନେଇଥିଲେ।ଅତ୍ୟଧିକ ଖରା ଓ ଝାଞ୍ଜି ମାରିବା ଯୋଗୁଁ ଆଜି ପୂର୍ବାହ୍ନରେ ସହରର ବଜାର ଗୁଡିକ ଫାଙ୍କା ହେଇଯାଇ ଥିଲା।ଦିନ ଦଶଟା ରୁ ଏଗାରଟା ମଧ୍ୟରେ ବଜାର ଘାଟ ଶୂନସାନ ହେଇଯାଇଥିବା ଦେଖାଯାଇଛି।

# ଯୁପିଏସ୍‌ସିରେ ନୀଳଗିରିର ଆୟୁଷୀଙ୍କ ସଫଳତା

- ସର୍ବଭାରତୀୟ ସ୍ତରରେ ରଖିଲେ ୩୬ ରାଙ୍କ
- ମହିଳା ଓ ଆଦିବାସୀଙ୍କ ପାଇଁ କାମ କରିବାର ଇଚ୍ଛା ପ୍ରକଟ



ବାଲେଶ୍ୱର, ୧୬।୪(ସମିସ): ପ୍ରକାଶ ପାଇଛି ୨୦୨୩ ଯୁପିଏସସି ପରୀକ୍ଷା ଫଳ। ଏଥିରେ ପୁଣି ଥରେ ସଫଳତା ହାସଲ କରିଛନ୍ତି ବାଲେଶ୍ୱର ମାଟିର ଝିଅ ଆୟୁଷି ପ୍ରଧାନ। ଗତବର୍ଷ ସର୍ବଭାରତୀୟ ପ୍ରଶାସନିକ ପରୀକ୍ଷାରେ ୩୩୪ ରାଙ୍କ ପାଇଥିବା ବେଳେ ଏଥର ୩୬ ରାଙ୍କ ହାସଲ କରି ଓଡ଼ିଶା ତଥା ବାଲେଶ୍ୱର ପାଇଁ ଗର୍ବ ଆଣିଛନ୍ତି ଆୟୁଷି। ଗତବର୍ଷ କୃତକାର୍ଯ୍ୟ ହୋଇ ସେ ଦିଲ୍ଲୀରେ ତାଲିମ ନେଉଛନ୍ତି। କିନ୍ତୁ ଆଉ ଭଲ ରାଙ୍କ ପାଇଁ ସେ ପୁଣିଥରେ ପ୍ରସ୍ତୁତ ହୋଇ ଯୁପିଏସସି ପରୀକ୍ଷା ଦେଇଥିଲେ। ଯେଉଁଥିରେ ସେ ୩୬ ତମ ସ୍ଥାନ ହାସଲ କରିଛନ୍ତି। ସୂଚନାଯୋଗ୍ୟ, ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ବାଲିସାହିରେ ଆୟୁଷିଙ୍କ ନିଜ ଘର। ଚିତ୍ତରଞ୍ଜନ ପ୍ରଧାନ ଓ ସ୍ମିତା ପ୍ରଧାନଙ୍କ ଝିଅ ଆୟୁଷି ପ୍ରଧାନ। ଚିତ୍ତରଞ୍ଜନ ପତ୍ନୀ, ଝିଅ ଓ ପୁଅ ସହ ଭୁବନେଶ୍ୱରରେ ରହୁଆସୁଛନ୍ତି। ଚିତ୍ତରଞ୍ଜନ ଏକ୍ସିସ୍ ବ୍ୟାଙ୍କରେ ଭାଇସ୍ ପ୍ରେସିଡେଣ୍ଟ ରହିଥିବା ବେଳେ ସ୍ମିତା ଗୃହିଣୀ। ୨୦୨୦ରୁ ଯୁପିଏସପି ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ପ୍ରଥମ ଥରରେ ଇଣ୍ଟରଭ୍ୟୁ ପର୍ଯ୍ୟନ୍ତ ଯାଇଥିବା ବେଳେ ଦ୍ୱିତୀୟ ଥର ପ୍ରୟାସରେ ୩୩୪ ରାଙ୍କ୍ ରଖିଥିଲେ ଆୟୁଷି। ତେବେ ଏଥର ତୃତୀୟ ଥର ପ୍ରୟାସରେ ଆୟୁଷି ୩୬ ରେଙ୍କ୍ ହାସଲ କରିଛନ୍ତି। ଯେଉଁଥିରେ ତାଙ୍କ ପରିବାରରେ ଖୁସିର ମାହୋଲ ଖେଳିଯାଇଛି। ବର୍ତ୍ତମାନ ଆୟୁଷି ପୂର୍ବ ଯୁପିଏସସି ଫଳାଫଳ ପରେ ଆଇଡିଇଏସ୍ ଟ୍ରେନିଂ ପାଇଁ ଦିଲ୍ଲୀରେ ଅଛନ୍ତି। ଆୟୁଷିଙ୍କ ମାମୁଁ ଘର ବେତନଟୀ ହୋଇଥିବା ବେଳେ ଜେଜେ ମା'ଙ୍କ ଘର ବାଲେଶ୍ୱରରେ। ବାରିପଦା କନଭେଣ୍ଟ ସ୍କୁଲରେ ସେ ମାଟ୍ରିକ ପାଠପଢ଼ା ଶେଷ କରିବା ପରେ ଭୁବନେଶ୍ୱର ମଦର୍ସ ପବ୍ଲିକ ସ୍କୁଲରେ ଯୁକ୍ତ ଦୁଇ ପାଠପଢ଼ା ଶେଷ କରିଛନ୍ତି। ଏହାପରେ ଭୁବନେଶ୍ୱର ସିଇଟିରେ କମ୍ପ୍ୟୁଟର ସାଇନ୍ସରେ ୪ ବର୍ଷ ବିଟେକ୍ ପାଠ ପଢ଼ିଲେ। ପରେ ଏକ ଆଇଟି ସେକ୍ଟରରେ ଚାକିରି ମଧ କରୁଥିଲେ ଆୟୁଷି। ମାତ୍ର ସମାଜ ପାଇଁ କିଛି କାମ କରିବା ନିମନ୍ତେ ସବୁବେଳେ ଇଚ୍ଛା ରଖିଥିଲେ ଆୟୁଷି। ସେଥିପାଇଁ ଆଇଟି ସେକ୍ଟରରେ ଚାକିରି ଛାଡି ୨୦୨୧ରୁ ଯୁପିଏସସି ପାଇଁ ପ୍ରସ୍ତୁତି ଆରମ୍ଭ କଲେ। ସେତେବେଳେ କରୋନା ଥିବାରୁ ଆୟୁଷି ଅନଲାଇନ କ୍ଲାସ୍ ମାଧମରେ ହିଁ ଯୁପିଏସସି ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଛନ୍ତି। ଏଥିପାଇଁ ସେ ଦିନକୁ ୧୨ ଘଣ୍ଟା ପରିଶ୍ରମ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଆୟୁଷି ତାଙ୍କ ପରିବାର ଲୋକ, ବନ୍ଧୁବାନ୍ଧବ, ସାଙ୍ଗ ଏବଂ ଜେଜେମା ମୀନତି ପ୍ରଧାନ ଏବଂ ଅଜା ସନ୍ତୋଷ କୁମାର ମହାପାତ୍ର ଓ ଆଈ ପ୍ରୀତିରାଣୀ ମହାପାତ୍ରଙ୍କୁ ଶ୍ରେୟ ଦେଇଛନ୍ତି। ବିଶେଷକରି ଆୟୁଷି ମହିଳା ଓ ଆଦିବାସୀ ସମ୍ପ୍ରଦାୟଙ୍କ ବିକାଶ ପାଇଁ କାମ କରିବାର ଇଚ୍ଛା ରଖିଛନ୍ତି ବୋଲି ବାପା ଚିତ୍ତରଞ୍ଜନ ପ୍ରଧାନ କହିଛନ୍ତି।

# ଯୁପିଏସ୍‌ସି ପରୀକ୍ଷାରେ ବିଶ୍ୱଜିତଙ୍କୁ ୩୪୩ ର୍ୟାଙ୍କ୍



ଖଇରା, ୧୬।୪ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ସାରୁଗାଁ ଗ୍ରାମପଞ୍ଚାୟତ ନୂଆଗାଁବଡ ଗ୍ରାମ ରାଉତରାପୁର ଶାସନ ର ବିଶ୍ୱଜିତ ପଣ୍ଡା ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା(ଯୁପିଏସ୍‌ସି) ର ସର୍ବଭାରତୀୟ ସ୍ତରରେ ୩୪୩ ର୍ୟାଙ୍କ ରଖି କୃତକାର୍ଯ୍ୟ ହେବା ସହ ଖଇରା ସମେତ ବାଲେଶ୍ୱର ଜିଲାକୁ ଗୌରାବନ୍ୱିତ କରିଛନ୍ତି। ଏହା ପୂର୍ବରୁ ସେ ୨୦୨୦ ମସିହାରେ ଓଡ଼ିଶା ପ୍ରଶାସନିକ ସେବା(ଓପିଏସ୍‌ସି) ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ ଏବେ ବାରିପଦାରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଥିଲେ। ଷଷ୍ଠତମ ସୁଯୋଗରେ ତାଙ୍କୁ ଏହି ସଫଳତା ମିଳିଛି। ଏହି ସଫଳତାର ଶ୍ରେୟ ସେ ମା' ରେବତୀ ପଣ୍ଡା, ବାପା ବୈକୁଣ୍ଠ ପଣ୍ଡା ଓ ପରିବାରବର୍ଗଙ୍କୁ ପ୍ରଦାନ କରିଛନ୍ତି। ୨୦୧୦ ମସିହାରେ ଶରତ ସରକାରୀ ହାଇସ୍କୁଲରୁ ୧୦ମ ଶ୍ରେଣୀ ଓ ରେଭେନ୍ସାରେ +୨ପାସ୍ ପରେ ରାଉରକେଲା ଘରୋଇ କମ୍ପାନୀରେ ଚାକିରି ଆରମ୍ଭ କରିବା ସହ ପ୍ରଶାସନିକ ସେବା ପାଇଁ ପ୍ରସ୍ତୁତ ହେଉଥିଲେ। ଫଳ ପ୍ରକାଶ ପାଇବା ପରେ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତି ବିଶେଷ ବିଶ୍ୱଜିତଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି।

## ଲେଖାଶ୍ରୀଙ୍କ ପାଇଁ ପ୍ରଚାର କଲେ ସୁକାନ୍ତ

ନୀଳଗିରି, ୧୬।୪(ସମିସ): ନୀଳଗିରି ବ୍ଲକ କାଂଶ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ ସାଂସଦ ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତ ସିଂହାରଙ୍କ ପାଇଁ ପ୍ରଚାର ଆରମ୍ଭ କରିଛନ୍ତି। ଲେଖାଶ୍ରୀଙ୍କୁ ଭୋଟ ଦେବା ପାଇଁ ସମସ୍ତ ଭୋଟର ଏବଂ ଉପସ୍ଥିତ କର୍ମୀମାନଙ୍କୁ ନିବେଦନ କରିଥିଲେ। ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ରମେଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ବିଧାୟକ ସୁକାନ୍ତ ନାୟକ, ବରିଷ୍ଠ ନେତା ଗଙ୍ଗାଧର ମିଶ୍ର, ବିଧାୟକ ପ୍ରତିନିଧି ଉପେନ୍ଦ୍ର ଦାସ, ନାଏବ ସରପଞ୍ଚ ସୁଶାନ୍ତ ମହାଳିକ, ସମିତି ସଭ୍ୟା ରଜନୀ ଗିରି, ଗଙ୍ଗାଧର ବିଶ୍ୱାଳ, ତପସ ମହାନ୍ତି, ସାହେବ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲାବଣ୍ୟ ଦଳେଇ, ସୁକାନ୍ତ ଦାସ, ନରହରି ମହାଳିକ, ରାକେଶ ଖୁଣ୍ଟିଆ, କୀରଣ ମହାଳିକ, ଶଶୀଧର ମହାଳିକ, ହେମନ୍ତ ମହାପାତ୍ର, ପ୍ରସନ୍ନମହାପାତ୍ର, ବାବନ ଖମାରି, ରବୀନ୍ଦ୍ର ଦାସଙ୍କ ସମେତ ଶତାଧିକ ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା।

## ବାଇକ ସହ ଦେଶୀମଦ ଜବତ, ଜଣେ ଗିରଫ

ସୋର, ୧୬।୪(ସମିସ): କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ, କଟକ ୟୁନିଟ -୨ ତରଫରୁ ବାଗୁଡ଼ି ବଜାରରେ ଚଢ଼ାଉ କରି ବାଇକ ସହ ଦେଶୀମଦ ଜବତ କରିଥିବା ବେଳେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗର ଡେପୁଟି କମିଶନର ରାମଚନ୍ଦ୍ର ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି ସୁପରିଟେଣ୍ଡେଣ୍ଟ ଅଳକା ସୁନାଙ୍କ ତତ୍ତ୍ୱାବଧାନରେ ଆଇଆଇସି ଧିରେନ ବେହେରାଙ୍କ ନେତୃତ୍ୱରେ ଏକ ଟିମ ଆଜି ଅପରାହ୍ନରେ ବାଗୁଡ଼ି ବଜାରରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ମଙ୍ଗଳପୁରରୁ ସୋର ଅଭିମୁଖେ ଆସୁଥିବା ଏକ ବାଇକକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ସେଥିରେ ଏକ ଅଖାରେ ୫୦ ଲିଟର ଦେଶୀମଦ ଚାଲାଣ ହେଉଥିବା ଜାଣିପାରି ବାଇକ ସହ ମଦକୁ ଜବତ କରି ଶିଙ୍ଗାଖୁଣ୍ଟା ଗ୍ରାମର ଆକାଶ ଜେନାକୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି।

### ଚୈତ୍ର ନବରାତ୍ରର ଅଷ୍ଟମ ଦିବସ

# 'ମହାଗୌରୀ' ସ୍ୱରୂପରେ ମା'ବଗଳାମୁଖୀ



ବାଲେଶ୍ୱର, ୧୬।୪(ସମିସ): ଦୁର୍ଗତି ନାଶିନୀ ମାଆ ଦୁର୍ଗାଙ୍କର ନବରାତ୍ରି ପୂଜା ଅବସରରେ ଚୈତ୍ର ମାସ ଶୁକ୍ଳ ପ୍ରତିପଦ ତିଥିଠାରୁ ଶକ୍ତିପୀଠଗୁଡିକରେ ଚାଲିଛି ଶକ୍ତିସ୍ୱରୂପିଣୀ ମା'ଙ୍କର ନବରାତ୍ର ପୂଜା। ପ୍ରତ୍ୟେହ ପ୍ରାତଃକାଳରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶ୍ରଦ୍ଧା ଓ ନିଷ୍ଠାର ସହିତ ଚାଲିଛି ମା'ଙ୍କ ଷଡୋଶ ଉପଚାର ନୀତିକାନ୍ତି। ସେବକ ଓ ଶ୍ରଦ୍ଧାଳୁଙ୍କ ସହିତ ମାନସିକଧାରୀମାନେ ଭକ୍ତିର ସହ କରୁଛନ୍ତି ମା'ଙ୍କ ଆରାଧନା। ଏହି କ୍ରମରେ ବାଲେଶ୍ୱର ସହର ଉପକଣ୍ଠ ତାମୂଳିଆସ୍ଥିତ ଶ୍ରୀ ଶ୍ରୀ ପୀତାମ୍ବରା ମହାଶକ୍ତି ପୀଠରେ ମା'ବଗଳାମୁଖୀଙ୍କ ପାରମ୍ପରିକ ରୀତିନୀତି ଅନୁସାରେ ଜାରି ରହିଛି ନବରାତ୍ର ପୂଜା। ମହା ଅଷ୍ଟମୀ ତିଥିରେ ମା'ଙ୍କୁ 'ମହାଗୌରୀ' ସ୍ୱରୂପରେ ପୂଜା କରାଯାଇଥିଲା। ନବରାତ୍ରିର ଦୁର୍ଗାପୂଜା ସମୟରେ ଅଷ୍ଟମୀ ପୂଜାର ବିଶେଷ ମହତ୍ୱ ରହିଥିବା ବିବେଚନା କରାଯାଏ।

ନବରାତ୍ରିର ଅଷ୍ଟମ ତିଥି ହେଉଛି ଶକ୍ତି ସ୍ୱରୂପା ମହାଗୌରୀଙ୍କ ଦିନ। ଏହି ଦିନ ଦେବୀ ଦୁର୍ଗାଙ୍କ ମହାଗୌରୀ ସ୍ୱରୂପଙ୍କୁ ଅତ୍ୟନ୍ତ ନିଷ୍ଠାର ସହିତ ପୂଜା କରାଯାଏ। ଏହି ସ୍ୱରୂପରେ ମା'ଙ୍କ ରଙ୍ଗ ଅତ୍ୟନ୍ତ ସୁନ୍ଦର ହେତୁ ତାଙ୍କୁ ମହାଗୌରୀ କୁହାଯାଏ।

# ଭତ୍ତା ପାଇଁ ମୁଣ୍ଡଫଟା ଖରାରେ ହନ୍ତସନ୍ତ



ନୀଳଗିରି, ୧୬।୪ (ସମିସ): ମାସିକ ଭତ୍ତା ନେବା ପାଇଁ ଆସି ପ୍ରଚଣ୍ଡ ଖରାରେ ହନ୍ତସନ୍ତ ହୋଇଛନ୍ତି ହିତାଧିକାରୀ। ଏପରି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ର ୧ ନମ୍ବର ପଞ୍ଚାୟତରେ ଘୋଷିତ ହୋଇଥିବା ଛତ୍ରପୁର ପଞ୍ଚାୟତରେ। ପଞ୍ଚାୟତର ବିଭିନ୍ନ ଅଞ୍ଚଳରୁ ଆସିଥିବା ବୃଦ୍ଧ ଓ ବୃଦ୍ଧାଙ୍କ ଅବସ୍ଥା ଦୁଃଖଦପୂର୍ଣ୍ଣ ହୋଇଛି। ଭତ୍ତା ନେବା ପାଇଁ ଆସି ଡହ ଡହ ଖରାରେ ଆଉଟୁ ପାଉଟୁ ହେଉଥିବାର ଦୃଶ୍ୟ ଆଖି ସାମ୍ନାକୁ ଆସିଅଛି। ସ୍ଥାନୀୟ ସରପଞ୍ଚ ସକାଳ ୮ଟା ସମୟରେ ସମସ୍ତ ଭତ୍ତାଧାରୀ ମାନଙ୍କୁ ଭତ୍ତା ନେବାପାଇଁ ଡକାଇ ଦ୍ୱିପ୍ରହର ଅର୍ଥାତ୍ ୧୨ଟା ୩୦ ପର୍ଯ୍ୟନ୍ତ ବସାଇବା ଘଟଣା ଅତ୍ୟନ୍ତ ଦୁଃଖଦ ଦାୟକ ବୋଲି ପ୍ରକାଶ କରିଛନ୍ତି ଆସିଥିବା ଭତ୍ତା ଧାରୀମାନେ। ଯାହାକି ଭୋକରେ ଡହଳ ବିକଳ ହୋଇ ପଞ୍ଚାୟତ ବାରଣ୍ଡାରେ ପଡ଼ି ଥିବାର ଦେଖିବାକୁ ମିଳିଛି। ସ୍ଥାନୀୟ ସରପଞ୍ଚଙ୍କୁ ଏ ସମ୍ପର୍କରେ ମତ ଦେଇଛନ୍ତି କି, ସେ ସମସ୍ତଙ୍କୁ ଡାକିଛନ୍ତି ସତ, କିନ୍ତୁ ଟଙ୍କା ଦେବାକୁ ଆସୁଥିବା କର୍ମଚାରୀଙ୍କ ଅବହେଳା ତଥା ବଳମ୍ବିତା ପାଇଁ ଏପରି ପରିସ୍ଥିତି ସୃଷ୍ଟି ହୋଇଅଛି।

## ରାମନବମୀ ପାଇଁ ବାଇକ୍ ଶୋଭାଯାତ୍ରା

ସୋର, ୧୬।୪(ସମିସ) : ସୋରରେ ରାମନବମୀ ପାଳନ ଅବସରରେ ଏକ ବିଶାଳ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ବାଇକ ଶୋଭାଯାତ୍ରା ପୌରପାଳିକା ଅନ୍ତର୍ଗତ ରାଧାନାଥ ପଡ଼ିଆରୁ ବାହାରି ଉତ୍ତରେଶ୍ୱର, ଅନନ୍ତପୁର ଛକ, ବାମ୍ପି ଛକ, କେଦାରପୁର, କିଆରପୁର, ବାଳଙ୍ଗ, ମୂଳିସିଂ, କୋର୍ଟ ଛକ, ଛତ୍ରପୁର ଛକ ଦେଇ ରାଧାନାଥ ପଡ଼ିଆରେ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି। ଏହି ଶୋଭାଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବା ପାଇଁ ପୁଲିସ ପ୍ରଶାସନ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ବାଲେଶ୍ୱର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନିଲ ପ୍ରଧାନଙ୍କ ନେତୃତ୍ୱରେ ସଦର ଏସଡିପିଓ ଡ. ଶଶାଙ୍କ ଶେଖର ବେଉରା ସୋର ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର, ଔପଦା ଆଇଆଇସି ଶ୍ରବଣ କୁମାର ମହାରଣା, ସିମୁଳିଆ ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ, ଖଇରା ଥାନା ଆଇଆଇସି ଗୟାଧର ବେହେରା, ସୋର ଥାନାର ସମସ୍ତ ଅଧିକାରୀଙ୍କ ସମେତ ୭ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିଲେ।

## ପିଏଚ୍.ଡି ଲାଭ



ପ୍ରଭାତ ଗୁରୁକୁଳ ଆଶ୍ରମ, ମେରଟ ର ପ୍ରତିଷ୍ଠାତା ସ୍ୱାମୀ ବିବେକାନନ୍ଦ ସରସ୍ୱତୀ ଙ୍କ ପ୍ରେରଣାରେ ବଲାଙ୍ଗିର ଜିଲ୍ଲାର ରାଜୀବ ନଗର ନିବାସୀ ଶ୍ରୀମତୀ ଆଭା ଆର୍ଯ୍ୟା , ମହର୍ଷି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦାର୍ଶନିକ ଅଧ୍ୟୟନ ଉପରେ ଗବେଷଣା କରି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ଡକ୍ଟର ଅଫ ଫିଲୋସଫି ସମ୍ମାନ ଗ୍ରହଣ କରିଛନ୍ତି । ଶ୍ରୀମତୀ ଆର୍ଯ୍ୟା , ଡକ୍ଟର ରମାକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀ ପରିସରରେ ଏହି ଗବେଷଣା କାର୍ଯ୍ୟ ସମ୍ପନ୍ନ କରିଥିଲେ । କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ରେ ଅନୁଷ୍ଠିତ ପ୍ରଥମ ଦୀକ୍ଷାନ୍ତ ସମାରୋହ ଉତ୍ସବରେ ଶ୍ରୀମତୀ ଆର୍ଯ୍ୟା ଏହି ସମ୍ମାନ ଗ୍ରହଣ କରିଛନ୍ତି । ଶ୍ରୀମତୀ ଆର୍ଯ୍ୟା ହେଉଛନ୍ତି ଦୟାନନ୍ଦ ଆଙ୍ଗଲୋ ବୈଦିକ ବିଦ୍ୟାଳୟର ପୂର୍ବତନ ନୈତିକ ଉପଦେଶକ ତଥା ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜର ଅଧ୍ୟକ୍ଷ୍ୟ ଆଚାର୍ଯ୍ୟ କୃଷ୍ଣଦେବ ଶାସ୍ତ୍ରୀ ଓ ସୁଲକ୍ଷଣୀ ଦାସଙ୍କର ଜ୍ୟେଷ୍ଠା କନ୍ୟା । ସେ ବାସୁଦେବ ପଣ୍ଡା ଓ ଜୟନ୍ତୀ ପଣ୍ଡାଙ୍କର ପୁତ୍ରବଧୂ ତଥା ଡାକବିଭାଗରେ କାର୍ଯ୍ୟରତ ଶ୍ରୀଯୁକ୍ତ ସ୍ୱାଧୀନ କୁମାର ପଣ୍ଡାଙ୍କର ଧର୍ମପତ୍ନୀ ଅଟନ୍ତି । ଗବେଷଣା କ୍ଷେତ୍ରରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଅନ୍ୟାନ୍ୟ କୃତିକୁ ଲୋକଲୋଚନକୁ ଆଣିବାରେ ଚେଷ୍ଟା ଜାରି ରଖିବେ ବୋଲି ଶ୍ରୀମତୀ ଆର୍ଯ୍ୟା କହିଛନ୍ତି । ଏହି ସଫଳତା ପାଇଁ ଡ. ଆର୍ଯ୍ୟା ତାଙ୍କ ବାପା, ମାଁ,ଶାଶୁ, ଶ୍ୱଶୁର,ସ୍ୱାମୀ , ନବପ୍ରଭାତ୍ ବୈଦିକ ବିଦ୍ୟାପୀଠ ର ଆଚାର୍ଯ୍ୟ ବୃହସ୍ପତୀ ଶାସ୍ତ୍ରୀ ଓ ଗବେଷଣା କାର୍ଯ୍ୟରେ ସାହାଯ୍ୟ କରିଥିବା ଲୋକେଶ କୁମାରଙ୍କୁ ତଥା ତାଙ୍କର ନିର୍ଦ୍ଦେଶକ ଡ. ରମାକାନ୍ତ ମିଶ୍ର ଓ ତାଙ୍କ ଧର୍ମପତ୍ନୀ ବବିତା ମିଶ୍ରଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି । ଏହା ସହ ସବୁ ବନ୍ଧୁବାନ୍ଧବ, ଶୁଭେଚ୍ଛୁମାନଙ୍କୁ ଓ ସର୍ବୋପରି ଈଶ୍ୱରଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି ।

# ପଥରପେଣ୍ଠରେ ବିଜେଡିର ବିଶାଳ ବାଇକ୍ ରାଲି



ଖନ୍ତାପଡ଼ା, ୧୬।୪(ସମିସ): ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ବିଜୁ ଜନତା ଦଳର କର୍ମୀ ଓ ସମର୍ଥକ ମାନଙ୍କର ସେତିକି ଉତ୍ସାହ ଦେଖିବାକୁ ମିଳୁଛି। ବାଲେଶ୍ୱର ଜିଲ୍ଲା ନୀଳଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାହାନଗା ବ୍ଲକରେ ଥିବା ପାଞ୍ଚ ପଞ୍ଚାୟତ ଯଥା, ପଥରପେଣ୍ଠ, ପଣପଣା, କଷବାଜୟପୁର, ଖନ୍ତାପଡ଼ା, ଚକଜଗନ୍ନାଥପୁରର ବିଜେଡି କର୍ମୀ ଓ ଶୁଭେଚ୍ଛୁ ମାନେ ବରିଷ୍ଠ ବିଜେଡି ନେତା ସନ୍ତୋଷ ଖଟୁଆଙ୍କୁ ସମର୍ଥନ ଜଣାଇ ବିରାଟ ବାଇକ ରାଲି କରିଥିଲେ। ପଥରପେଣ୍ଠ ବିଜେଡି ଅଫିସ ରେ ଶହ ଶହ ସଂଖ୍ୟା ରେ ଏକତ୍ରିତ ହୋଇ ଏକ ବିରାଟ ବାଇକ ରାଲି ରେ ମା ବାସୁଳି ମନ୍ଦିରରେ ପୂଜାଅର୍ଚ୍ଚନା ପରେ ବାଇକ ରାଲି ଦ୍ୱାରା ପାଞ୍ଚ ଗୋଟି ପଞ୍ଚାୟତ ପରିକ୍ରମା କରିଥିଲେ।




## ଆଳୁ ଦରବୃଦ୍ଧି, ଖାଉଟି ହନ୍ତସନ୍ତ

ଜଳେଶ୍ୱର ବ୍ଲକ, ୧୬।୪ (ସମିସ): ଆଳୁ ର ମୂଲ୍ୟ ଅହେତୁକ ବୃଦ୍ଧି ପାଇଛି। ସପ୍ତାହକ ମଧ୍ୟରେ କିଲୋ ପ୍ରତି ୧୫ ଟଙ୍କାରୁ ୨୫ ଟଙ୍କା ଓ ଗାଁ ଗହଳିରେ ଥିବା ଛୋଟ ଛୋଟ ଦୋକାନ ଗୁଡ଼ିକରେ ୩୦ ଟଙ୍କାରେ ମଧ ଆଳୁ କିଲୋ ବିକ୍ରି ହେଉଛି। ଯାହାକି ଖାଉଟି ଏବେ ଚିନ୍ତାରେ ଅଛନ୍ତି। କାରଣ ଆଳୁ ବିନା ତରକାରୀ ଅସମ୍ଭବ। ସବୁ ତରକାରିରେ ପ୍ରାୟ ଆଳୁର ବ୍ୟବହାର ଅଧିକ। ଆଳୁର ମୂଲ୍ୟ ବୃଦ୍ଧି ସହିତ ପିଆଜ, ଅଦା, ରସୁଣ ସହିତ ପନିପରିବା ଦରରେ ନିଆଁ ଲାଗିଛି। ତେଣୁ ଦିନ ମଜୁରିଆ ଓ ଶ୍ରମିକ ଶ୍ରେଣୀର ଲୋକମାନେ ଖାଇବାରେ ଅସୁବିଧା ଘଟିଛି। ଏହାର ମୂଳ କାରଣ ଜଳେଶ୍ୱର ଅଞ୍ଚଳରେ ଶୀତଳ ଭଣ୍ଡାର ର ସୁବିଧା ନାହିଁ, ଯାହାକି ଜଳେଶ୍ୱର ବ୍ଲକ ଅଞ୍ଚଳର ଆଳୁ ଚାଷୀ ଚାଷ କରିବା ପରେ ଆଳୁ ମହଜୁଦ କରି ପାରନ୍ତି ନାହିଁ। ଜଳେଶ୍ୱର ଅଞ୍ଚଳରେ ବାରମ୍ବାର ଦାବି ହୋଇ ଆସୁଥିବା ବେଳେ ପ୍ରଶାସନର ଏ ଦିଗରେ ଟିକେ ହେଲେ ଚିନ୍ତା ନାହିଁ। ଦ୍ୱିତୀୟରେ ସାଧାରଣ ନିର୍ବାଚନ ଥିବାରୁ ପଶ୍ଚିମବଙ୍ଗ ଅଞ୍ଚଳରୁ ଆଳୁର ଆମଦାନୀ ହେଉନାହିଁ ବୋଲି କୁହା ଯାଇଛି।

## ଜୋର୍ ଧରିଲା ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି

ବାଲେଶ୍ୱର, ୧୬।୪(ସମିସ): ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତିର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ଗୃହରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ଡ. କେଶବ ଚରଣ ପଣ୍ଡା ବୈଠକରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଅଭୟ ଚନ୍ଦ୍ର ମିଶ୍ର ଗତ ବୈଠକର ବିବରଣୀ ପାଠ କରିଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ରାଜ୍ୟ ସରକାରଙ୍କୁ ବାଲେଶ୍ୱର ଜିଲ୍ଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସହମତି ପ୍ରକାଶ କରି ଚିଠି ଲେଖୁଥିବା ସମ୍ପର୍କରେ ସଭାପତି ଡ. ପଣ୍ଡା ବୈଠକରେ ଜଣାଇଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ମଧ୍ୟ ଏଥିପାଇଁ ପୂର୍ବରୁ ଅନୁକୂଳ ମତ ପ୍ରଦାନ କରିଛନ୍ତି। ତେଣୁ ଦୁଇ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କ ମତାମତକୁ ଭିତ୍ତି କରି ରାଜ୍ୟ ସରକାରଙ୍କ କୃଷି ବିଭାଗ ସଚିବଙ୍କୁ ସାକ୍ଷାତ କରି ଆଲୋଚନା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି। ଚଳିତ ସାଧାରଣ ନିର୍ବାଚନରେ ବାଲେଶ୍ୱର ଜିଲ୍ଲାର ସମସ୍ତ ବିଧାନସଭା ଓ ଲୋକସଭା ଆସନ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା କରୁଥିବା ସମସ୍ତ ରାଜନୈତିକ ଦଳର ପ୍ରାର୍ଥୀମାନଙ୍କୁ ଜିଲ୍ଲାବାସୀଙ୍କ ଏହି ପ୍ରମୁଖ ଦାବି ଉପରେ ସେମାନଙ୍କର ମତାମତ ରଖିବା ପାଇଁ ଆସନ୍ତା ମାସରେ ଏକ 'ଖୋଲାମଞ୍ଚ'ର ଆୟୋଜନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବୈଠକରେ ମନୋଜ ବେହେରା, ନିରଞ୍ଜନ ପରିଡ଼ା, ସୀତାରାମ ପ୍ରଧାନ, ରବି ନାରାୟଣ ଭୋଳ, ଭାଗୀରଥୀ ମହାନ୍ତି, ଗୌରାଙ୍ଗ ପାଣିଗ୍ରାହୀ, ପ୍ରବୋଧ ମହାପାତ୍ର, ଭାସ୍କର ଚନ୍ଦ୍ର ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଡ. କ୍ଷିତୀଶ୍ୱର ଦାଶ, ହରନାରାୟଣ ମଡୁଆଳ ଓ ରବିକୁମାର ପାଣିଗ୍ରାହୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯତୀନ ପାତ୍ର ଧନ୍ୟବାଦ ଦେଇଥିଲେ।



# ୧୧ଟି ଠକ ସଂସ୍ଥାର ସମ୍ପତ୍ତି ନିଲାମୀ କେବେ?

ବାଲେଶ୍ୱର, ୧୬।୪(ସମିସ):

ବାଲେଶ୍ୱର ବିଚାର ବିଭାଗର ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତ(ଓପିଆଇଡି) ପକ୍ଷରୁ ୨୦୧୪ ମସିହାରୁ ଆଜି ପର୍ଯ୍ୟନ୍ତ ଏଗାରଟି ଠକ ସଂସ୍ଥାର ସ୍ଥାବର ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କୋର୍ଟର ନିର୍ଦ୍ଦେଶ ଅନୁସାରେ ଏହି ବାଜ୍ୟାପ୍ତ ସମ୍ପତ୍ତିକୁ ନିଲାମ କରାଯିବା ପରେ, ମିଳୁଥିବା ଅର୍ଥକୁ ଜମାକାରୀ ମାନଙ୍କୁ ଫେରାଇବା କଥା। ମାତ୍ର ଦାୟୀତ୍ୱରେ ଥିବା ଜିଲ୍ଲାପାଳଙ୍କ ଅଧିନସ୍ଥ ଜୁଡିସିଆଲ ବିଭାଗ ତରଫରୁ କୌଣସି ଏକ ଠକ ସଂସ୍ଥାର ବାଜ୍ୟାପ୍ତ ସମ୍ପତ୍ତିକୁ ବର୍ତ୍ତମାନ ସୁଦ୍ଧା ନିଲାମ କରିବା ପରିବର୍ତ୍ତେ ନିରବ ମୁଦ୍ରାରେ ରହିବା ନେଇ ଜମାକାରୀ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି।

ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ଚିଟ୍‌ଫଣ୍ଡ ଗୁଡିକର ସମ୍ପତ୍ତିକୁ କୋର୍ଟ ନିର୍ଦ୍ଦେଶ ମୂଳେ ଜିଲ୍ଲାପାଳଙ୍କ ଅଧୀନରେ ଥିବା ଜୁଡିସିଆଲ ବିଭାଗ ବାଜ୍ୟାପ୍ତ କରିବା ପରେ ନିଲାମ କରିବେ ଏବଂ ନିଲାମ ପରେ ଯେଉଁ ଅର୍ଥ ମିଳିବ, ତାହା ଜମାକାରୀ ମାନଙ୍କୁ ପ୍ରଦାନ କରିବା ପାଇଁ ଦାୟୀତ୍ୱ ଦେଇଛନ୍ତି। ଏହା ସହିତ କଟକ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳଙ୍କୁ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। କୋର୍ଟ ନିର୍ଦ୍ଦେଶ ପରେ କଟକ ଏଡିଏମଙ୍କ ପକ୍ଷରୁ ଅନ୍ୟ ଜିଲ୍ଲାର ଏଡିଏମଙ୍କୁ ଚିଟଫଣ୍ଡ ସମ୍ପତ୍ତିକୁ ନିଲାମ କରିବା ପାଇଁ ନିର୍ଦ୍ଦେଶ ଦେବାକଥା। ମାତ୍ର କଟକ ଏଡିଏମଙ୍କ ତରଫରୁ ବର୍ତ୍ତମାନ ସୁଦ୍ଧା ବାଲେଶ୍ୱର ଏଡିଏମଙ୍କୁ ଚିଟ୍‌ଫଣ୍ଡ ଗୁଡିକର ସମ୍ପତ୍ତି ନିଲାମ କରିବା ପାଇଁ ବୋଧ ହୁଏ ନିର୍ଦ୍ଦେଶ ଦିଆଯାଇ ନାହିଁ। ଯେଉଁଥି ପାଇଁ ବାଲେଶ୍ୱର ଏଡିଏମ ବର୍ତ୍ତମାନ ସୁଦ୍ଧା କୌଣସି ଗୋଟିଏ ଠକ ସଂସ୍ଥାର ସମ୍ପତ୍ତି ନିଲାମ କରି ନ ଥିବା ଜଣାଯାଇଛି। ତେବେ ବାଲେଶ୍ୱର ଏଡିଏମଙ୍କ ପକ୍ଷରୁ ବାଲେଶ୍ୱର ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତରେ ୧୨ଟି ଠକ ସଂସ୍ଥା ବିରୁଦ୍ଧରେ ପିଟିସନ ଦାୟର କରାଯାଇଥିଲା। ଏହା ମଧ୍ୟରୁ ବାଲେଶ୍ୱର ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତ ନିର୍ଦ୍ଦେଶରେ ଆଜି ପର୍ଯ୍ୟନ୍ତ ଏଗାରଟି ଠକ ସଂସ୍ଥାର ସମ୍ପତ୍ତି ବାଜ୍ୟାପ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ସଂସ୍ଥା ଗୁଡିକ ହେଲା ଆର୍ଣ୍ଣ ମାକ୍ସ ପ୍ରାଇଭେଟ ଲିମିଟେଡ୍‌, ଏସଏନବି ରିଅଲକନ ଇଣ୍ଡିଆ ଲିମିଟେଡ୍‌, ଗ୍ରୀନ ରେ ଇଣ୍ଟର ନ୍ୟାସନାଲ ଲିମିଟେଡ୍‌, ସାଇ ଗାୟତ୍ରୀ ସ୍କାୟ କ୍ରାପର ଇଣ୍ଡିଆ ଲିମିଟେଡ୍‌, ଲକ୍ଷ୍ୟ ମାର୍କେଟିଙ୍ଗ ଲିମିଟେଡ୍‌, ଶାରଦା ରିଏଲିଟି ଇଣ୍ଡିଆ ଲିମିଟେଡ୍‌, ଶସ୍ତ୍ର ରିଏଲଟି ଲିମିଟେଡ୍‌, ନବଜ୍ୟୋତି ରିଏଲିଟି ଇଣ୍ଡିଆ ଲିମିଟେଡ୍‌, ଆସୋର ଲିମିଟେଡ୍‌, ଟ୍ରେଷ୍ଟି ସିକ୍ୟୁରିଟି ଲିମିଟେଡ୍‌, ସାଇ ଗାୟତ୍ରୀ ଲିମିଟେଡ୍‌। ଏହି ଏଗାରଟି ଠକ ସଂସ୍ଥାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତ କରିବା ପାଇଁ ସ୍ୱତନ୍ତ୍ର ଚିଟ ଫଣ୍ଡ ଅଦାଲତଙ୍କ ନିର୍ଦ୍ଦେଶ ରହିଛି। ହେଲେ ଦାୟୀତ୍ୱରେ ଥିବା ଜିଲ୍ଲା ପ୍ରଶାସନ ଅଧିନସ୍ଥ ଜୁଡିସିଆଲ ଅଧିକାରୀ, ଏହି ବାଜ୍ୟାପ୍ତ ସମ୍ପତ୍ତିକୁ ନିଲାମ କରିବା ପରିବର୍ତ୍ତେ ଚୁପଚାପ ବସିଛନ୍ତି। କେବଳ ଗ୍ରୀନ୍‌ରେ ଇଣ୍ଟରନ୍ୟାସନାଲର ବାଜ୍ୟାପ୍ତ ସମ୍ପତ୍ତିକୁ ନିଲାମ କରିବା ପାଇଁ ଛଅ ବର୍ଷ ତଳେ ଗଣମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିଲାମରେ କେହି ଅଂଶ ଗ୍ରହଣ ନ କରିବାରୁ ଜିଲ୍ଲାପାଳଙ୍କ ଅଧିନସ୍ଥ ଜୁଡିସିଆଲ ବିଭାଗ ଏହାର ଅପସେଟ ପ୍ରାଇସ କମ କରିବା ପାଇଁ ଚିଠି ଲେଖି ଦେଇ ନିରବ ରହିଛନ୍ତି।

**ଜମାକାରୀ ମହଲରେ ଅସନ୍ତୋଷ**

ଅପରପକ୍ଷରେ ଜମା ଟଙ୍କା ଫେରି ପାଇବା ଆଶାରେ ଥିବା ସହସ୍ରାଧିକ ଜମାକାରୀ ଚାତକ ଭଳି ଚାହିଁ ବସିଛନ୍ତି। ମାତ୍ର ବର୍ତ୍ତମାନ ସୁଦ୍ଧା ସମ୍ପତ୍ତି ବାଜ୍ୟାପ୍ତ ହୋଇଥିବା ଉପରୋକ୍ତ ଏଗାରଟି ଠକ ସଂସ୍ଥା ମଧ୍ୟରୁ କୌଣସି ଏକ ସଂସ୍ଥାର ସମ୍ପତ୍ତିକୁ ନିଲାମ କରାଯାଇ ନଥିବା ଜଣାଯାଇଛି। ତେବେ ଜିଲ୍ଲାପାଳ ଅଧିନସ୍ଥ ଜୁଡିସିଆଲ ବିଭାଗ, କେବେ ମୁଦ୍ରା ପରିବର୍ତ୍ତନ କରିବେ ?ଆଉ କେବେ ବାଜ୍ୟାପ୍ତ ସମ୍ପତ୍ତି କୁ ନିଲାମକରି, ଜମାକାରୀ ମାନଙ୍କ କଷ୍ଟ ଉପାର୍ଜିତ ଜମା ଟଙ୍କା ଫେରାଇ ଦେବେ, ଏହାକୁ ନେଇ ଜମାକାରୀ ମହଲରେ ଜୋରଦାର ଆଲୋଚନା ହେଉଛି। ଜମାକାରୀମାନେ ନିଜର ଜମା ଅର୍ଥ ଫେରି ପାଇବା ପାଇଁ ବାରମ୍ବାର ଆନ୍ଦୋଳନ କରିବା ସହିତ ରାଜ୍ୟ ସରକାରଙ୍କ ଉପରେ ଚାପ ପକାଉଛନ୍ତି। ମାତ୍ର ଜିଲ୍ଲାପାଳଙ୍କ ଅଧୀନରେ ଥିବା ଜୁଡିସିଆଲ ବିଭାଗ ଚିଟ ଫଣ୍ଡ ସମ୍ପତ୍ତି ବାଜ୍ୟାପ୍ତ କରିବା ପୂର୍ବକ ନିଲାମ ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଚିଟଫଣ୍ଡ ଜମାକାରୀ ଆନ୍ଦୋଳନର ଆବାହକ ଜୟନ୍ତ ଦାସ କୁହନ୍ତି, ଆଇନ ଓ ବିଚାର ବ୍ୟବସ୍ଥା ପ୍ରତି ଜମାକାରୀ ଆନ୍ଦୋଳନର ପୂର୍ଣ୍ଣ ସମ୍ମାନ ରହିଛି। କିନ୍ତୁ କୋର୍ଟ ନିର୍ଦ୍ଦେଶ ଦେଲା ପରେ ବି, ଅସାଧୁ ସଂସ୍ଥା ଗୁଡିକ ପ୍ରତି ଅହେତୁକ ସମର୍ଥନକୁ ଜମାକାରୀ ଆନ୍ଦୋଳନ ପକ୍ଷରୁ ବରଦାସ୍ତ କରାଯିବ ନାହିଁ। ଠକ ସଂସ୍ଥା ଗୁଡିକର ବାଜ୍ୟାପ୍ତ ସମ୍ପତ୍ତିକୁ ଅଭାବି ବିକ୍ରୟ କରି ଜମାକାରୀ ମାନଙ୍କୁ ତାଙ୍କ ନ୍ୟାର୍ଯ୍ୟ ପ୍ରାପ୍ୟରୁ ବଞ୍ଚିତ କରିବା ପାଇଁ ଚାଲିଥିବା ଷଡଯନ୍ତ୍ରକୁ ଜମାକାରୀ ଆନ୍ଦୋଳନ ପକ୍ଷରୁ ବିରୋଧ କରାଯିବ। ଚଳିତ ନିର୍ବାଚନ ପରେ ଜମାକାରୀ ମାନଙ୍କ ଆନ୍ଦୋଳନ ତୀବ୍ରତର ହେବ ବୋଲି ଆବାହକ ଦାସ କହିଛନ୍ତି। ଏ ବାବଦରେ ଜିଲ୍ଲାପାଳ ଙ୍କ ଅଧିନସ୍ଥ ଜୁଡିସିଆଲ ବିଭାଗର ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ କୁହନ୍ତି, ମୁଁ ସେ ବାବଦରେ କିଛି ଜାଣି ନାହିଁ। ସେ ବାବଦରେ ବୁଝିଲା ପରେ ଜଣାଇବି।

## ଶାନ୍ତିକାନନରେ କବିତାଗ୍ରନ୍ଥ 'ମଧୁକାଞ୍ଚନ' ଲୋକାର୍ପିତ



ବାଲେଶ୍ୱର, ୧୬।୪(ସମିସ): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନଠାରେ ବରିଷ୍ଠ କବି ଡ. କୁଞ୍ଜବିହାରୀ ଧଳଙ୍କ ପୌରୋହିତ୍ୟରେ ଆୟୋଜିତ ପୁସ୍ତକ ଉନ୍ମୋଚନ ଉତ୍ସବରେ କବି ମଧୁସୂଦନ ମାଝୀଙ୍କର କବିତାଗ୍ରନ୍ଥ 'ମଧୁକାଞ୍ଚନ' ଉନ୍ମୋଚିତ ହୋଇଯାଇଛି। ଯଶସ୍ୱୀ ଗବେଷକ ଡ. ଭାଗବତ ପ୍ରସାଦ ଦାସ, ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରତ୍ନାକର ସିଂହ ଓ ଭଗବାନ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭୀମଚରଣ ସାହୁ ଅତିଥି ଭାବେ ଯୋଗ ଦେଇ ପୁସ୍ତକଟିକୁ ଲୋକାର୍ପିତ କରିବା ସହିତ ପୁସ୍ତକ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଲେଖକ ମଧୁସୂଦନ ମାଝୀ ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପାହାନ୍ତିତାରା ପ୍ରକାଶନୀ ସଂସ୍ଥାର ମୁଖ୍ୟ କମଳ ଦାସ ପ୍ରକାଶକୀୟ ଅଭିମତ ରଖିଥିଲେ। ପରିଷଦର ସମ୍ପାଦକ ଦୀପକ ଘୋଷ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଯୁଗ୍ମ ସମ୍ପାଦକ ଡ ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିଲେ। ହରେକୃଷ୍ଣ ପଲେଇ, ବସନ୍ତ କୁମାର ଦାସ, ଦୀନେଶ କୁମାର ନାୟକ ଓ ରୁଦ୍ରାକ୍ଷରୀ ମାଝୀ ପ୍ରମୁଖ କବିତା ପୁସ୍ତକର ବିଭିନ୍ନ କବିତା ପାଠ କରିଥିଲେ। ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଦେଇଥିଲେ। ଉକ୍ତ ସଭାରେ କବିଙ୍କର ପରିବାର ସଦସ୍ୟଙ୍କ ସମେତ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଗଣିତ ବୃତ୍ତି ଓ ସାଂସ୍କୃତିକ ପ୍ରତିଯୋଗିତା



ବାଲେଶ୍ୱର, ୧୬।୪(ସମିସ): ରାମଚନ୍ଦ୍ର ପଣ୍ଡା ଏଜୁକେସନ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ବାଲେଶ୍ୱରର ନୃତ୍ୟ ଓ କଳାର ଅନୁଷ୍ଠାନ ନାଚ ଡାନ୍ସ ଇନ୍‌ଷ୍ଟିଚ୍ୟୁଟ୍‌ର ମିଳିତ ସହଭାଗିତାରେ ସ୍ୱର୍ଗତ ରାମଚନ୍ଦ୍ର ପଣ୍ଡାଙ୍କ ୧୧୦ତମ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ବିଭିନ୍ନ ପର୍ଯ୍ୟାୟରେ ଚାଲିଥିବା ସାଂସ୍କୃତିକ ପ୍ରତିଯୋଗିତା ତଥା ଗଣିତ ବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମିଳିତ ପ୍ରୟାସରେ ଉକ୍ତ ଟ୍ରଷ୍ଟ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟ, ଭଜନ ସଙ୍ଗୀତ ଓ ଭଜନ ଆଧାରିତ ନୃତ୍ୟ ତଥା ଚିତ୍ରାଙ୍କନ ଇତ୍ୟାଦି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିଥିଲେ। ଏହିସବୁ ପ୍ରତିଯୋଗିତାରେ ପ୍ରତ୍ୟେକ ବିଭାଗରେ ପ୍ରଥମ ତିନୋଟି ସ୍ଥାନ ଅଧିକୃତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ବାସନ୍ତୀ ଗ୍ରୁପ୍ ଅଫ ଇଣ୍ଡଷ୍ଟ୍ରିର ଏମଡି ବାସନ୍ତୀ ପାଣି ଆଜିର କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ନାରାୟଣ ପଣ୍ଡା ଟ୍ରଷ୍ଟର ମୁଖ୍ୟ ଉଦ୍ଦେଶ୍ୟ ସମ୍ବନ୍ଧରେ କହିଥିଲେ। ରସାଲପୁର କଲେଜର ପ୍ରାକ୍ତନ ଅଧକ୍ଷ କବିତା ପଣ୍ଡା ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ସ୍ୱର୍ଗତ ପଣ୍ଡାଙ୍କର ଜୀବନୀ ଓ ଆଦର୍ଶ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଗୋପାଳ କୃଷ୍ଣ ବେହେରା ହିନ୍ଦୁଜା ଲେଲାଣ୍ଡ ଫାଇନାନ୍ସ ର ଏରିଆ ମ୍ୟାନେଜର ଅରୁନାଂଶୁ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ନୃତ୍ୟାଶୟୀ ତଥା ନାଚ୍ ର ନିର୍ଦ୍ଦେଶିକା ରୋନାଲିସା ପଣ୍ଡା ସମସ୍ତ ସାଂସ୍କୃତିକ କାର୍ଯ୍ୟାକ୍ରମ ନିର୍ବାହ କରିଥିଲେ।

## ସାହାଦାରେ ଶ୍ରୀମଦ୍ ଭାଗବତ ପାରାୟଣ ସପ୍ତାହ

ବାଲେଶ୍ୱର, ୧୬।୪(ସମିସ): ସୁନହଟସ୍ଥିତ ସାହାଦା ଗ୍ରାମରେ ଅନୁଷ୍ଠିତ ହେଉଥିବା ଶ୍ରୀମଦ୍ ଭାଗବତ ପାରାୟଣ ସପ୍ତାହ ଉଦଯାପିତ ହୋଇଯାଇଛି। ଏହି ସପ୍ତାହ ଅବସରରେ ପରମ ଆରାଧ ପ୍ରଭୁ ଭକ୍ତ ବତ୍ସଳ ଶ୍ରୀ ସଚିଦାନନ୍ଦ ପରଂବ୍ରହ୍ମ ଦେବକୀ ନନ୍ଦନ ବାସଦେବଙ୍କ ପୀତ୍ୟାର୍ଥେ ଏହି ଶ୍ରୀମଦ ଭାଗବତ ପାରାୟଣ ସପ୍ତାହ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସାଧୁସନ୍ଥ, ବ୍ରାହ୍ମଣ ମଣ୍ଡଳୀ ଆଦି ଯୋଗଦେଇ ଭାଗବତ ପାଠ କରିଥିଲେ। ପ୍ରତ୍ୟେକ ଦିନ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଭଦ୍ରକ ଜିଲ୍ଲା ବନ୍ତ ଅଞ୍ଚଳର ପ୍ରବଚକ ବିଜୟ ରାଘବେନ୍ଦ୍ରଜୀ ମହାରାଜ ଯୋଗ ଦେଇ ପ୍ରବଚନ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସାହାଦା ହରାସଭା ମଣ୍ଡପର ସଦସ୍ୟ ବିଶ୍ୱନାଥ ପଣ୍ଡାଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।

## ଭିନ୍ନକ୍ଷମ ବିଦ୍ୟାଳୟରୁ ଦୁଇ ଦିବ୍ୟାଙ୍ଗ ନିଖୋଜ

ବାଲେଶ୍ୱର, ୧୬।୪(ସମିସ): ବାଲେଶ୍ୱରର ସହରସ୍ଥ ମିଶନ କମ୍ପାଉଣ୍ଡରେ ଅବସ୍ଥିତ (ହେଣ୍ଡିକ୍ରାଫ୍ଟ ୱେଲ ଫେଆର ଇନଷ୍ଟିଚ୍ୟୁଟ) ଭିନ୍ନକ୍ଷମ ଆବାସିକ ବିଦ୍ୟାଳୟର ସୁରକ୍ଷାକୁ ନେଇ ଉଠିଲା ବଡ଼ ପ୍ରଶ୍ନ। ଆବାସିକ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ସ୍କୁଲରୁ ଦୁଇ ମୁକ ବଧିର ନାବାଳକ ଦୁଇ ଦିନ ଧରି ନିଖୋଜ ଅଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସହଦେବଖୁଣ୍ଟା ଥାନାରେ ଅଭିଯୋଗ କରାଯାଇଛି। ନିଖୋଜ ଥିବା ନାବାଳକ ଜଣେ ନୀଳଗିରି ଥାନା ବାବନ୍ଧ ଗ୍ରାମର କୃଷ୍ଣଚନ୍ଦ୍ର ବେହେରାଙ୍କ ୧୨ ବର୍ଷର ଭିନ୍ନକ୍ଷମ ପୁଅ ସଂଗ୍ରାମ ବେହେରା ଓ ଆଉ ଜଣେ ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଅଞ୍ଚଳର ବାପି ମାରାଣ୍ଡି। ସୋମବାର ଦିନ ବଡ଼ି ଭୋରରୁ ପାଚେରୀ ଡେଇଁ ଦୁଇ ଦିବ୍ୟାଙ୍ଗ ନାବାଳକ ନିଖୋଜ ହୋଇଥିବା ନେଇ ସ୍କୁଲ କର୍ତ୍ତୃପକ୍ଷ ସଫେଇ ଦେଇଛନ୍ତି। ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅଭିଯୋଗ କରିଛନ୍ତି ପରିବାର ଲୋକେ। ନିଖୋଜ ସଂଗ୍ରାମକୁ ଖୋଜି ଆଣି ଦେବା ଦାବିରେ ଜିଲ୍ଲାପାଳଙ୍କୁ ଲିଖିତ ଜଣାଇଛନ୍ତି ବାପା କୃଷ୍ଣ ଚନ୍ଦ୍ର। ହେଲେ ଅନ୍ୟ ଜଣେ ଦିବ୍ୟାଙ୍ଗ ବାପି ମାରାଣ୍ଡିର ଅଭିଭାବକଙ୍କ ଠାରୁ କୌଣସି ଅଭିଯୋଗ ଆସି ନାହିଁ।

## ଖଡ଼ିପାହି ଗ୍ରାମରୁ ହରିଣ ଉଦ୍ଧାର



ବାଲେଶ୍ୱର, ୧୬।୪(ସମିସ): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ପରଖି ପଞ୍ଚାୟତର ଖଡିପାହି ଗାଁରୁ ମଙ୍ଗଳବାର ଦିନ ଏକ ହରିଣ ଉଦ୍ଧାର ହେଇଛି। ସକାଳ ବେଳା ହରିଣଟି ଗ୍ରାମରେ ବୁଲୁଥିବାର ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ଚାଷ ଜମିକୁ ସୁରକ୍ଷିତ ରଖିବା ପାଇଁ ଦିଆଯାଇ ଥିବା ଜାଲରେ ହରଣଟି ଛନ୍ଦି ଯାଇଥିଲା। ଗ୍ରାମବାସୀ ସୁରକ୍ଷିତ ହରିଣକୁ ଉଦ୍ଧାରକରି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ହରିଣ ଟିକୁ ଗ୍ରାମବାସୀଙ୍କ ଠାରୁ ନେବା ସହ କୁଲଡିହା ଅଭୟାରଣ୍ୟରେ ଛାଡିଥିବା ଜଣାଯାଇଛି। ହେଲେ ହରିଣଟି ଗାଁ ଭିତରକୁ ଆସିଲା କେମିତି, କେଉଁଠାରୁ ଆସିଲା ଏନେଇ ଗ୍ରାମବାସୀ କେହିକିଛି ଜାଣି ନଥିବା ବେଳେ ଚାନ୍ଦିପୁର ଆଇଟିଆରରୁ ଆସିଥାଇ ପାରେ ବୋଲି କୁହାଯାଉଛି।

## ୨୪ ଘଣ୍ଟିଆ ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍ ଉପରେ ଜିଲ୍ଲା ପ୍ରଶାସନର ଗୁରୁତ୍ୱ

ବାଲେଶ୍ୱର, ୧୬।୪(ସମିସ): ନିର୍ବାଚନ ପ୍ରକ୍ରିୟାର ଅଖଣ୍ଡତା ଓ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ଓ ଭାରତୀୟ ନିର୍ବାଚନ ଆୟୋଗ ଏବଂ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାପିତ କରାଯାଇଛି ୨୪ ଘଣ୍ଟିଆ ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍। ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ଉପରେ ନଜର ରଖିବା ପାଇଁ ଏହି ସମନ୍ୱିତ କକ୍ଷକୁ କାର୍ଯ୍ୟକାରୀ କରାଯାଉଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶିଷ ଠାକରେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କଣ୍ଟ୍ରୋଲ ରୁମ୍‌ଟି କାର୍ଯ୍ୟକାରୀ ହେଉଛି। ତାଲିମପ୍ରାପ୍ତ ଅଧିକାରୀଙ୍କର ଏକ ଦଳ ଦ୍ୱାରା ପରିଚାଳିତ ଏହି ନିୟନ୍ତ୍ରଣ କକ୍ଷ ନିର୍ବାଚନ ସମ୍ବନ୍ଧୀୟ ମାମଲାର ତ୍ୱରିତ ଏବଂ ଦକ୍ଷ ସମାଧାନ ସୁନିଶ୍ଚିତ କରିବା ଏବଂ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ ତଦାରଖ ପାଇଁ ନିୟୋଜିତ କରାଯାଇଛି। ଏଥି ସହିତ ନିର୍ବାଚନ ସମ୍ବନ୍ଧୀୟ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ସୁଗମ ସମାଧାନ ପାଇଁ ଏକ ଉତ୍ସର୍ଗୀକୃତ ଟୋଲ୍ ଫ୍ରି ହେଲ୍ପ ଲାଇନ୍ (୧୯୫୦) ମଧ କାର୍ଯ୍ୟକ୍ଷମ କରାଯାଉଛି। ଜନସାଧାରଣ ଏହି ନମ୍ବରକୁ ଯେକୌଣସି ସମୟରେ ଫୋନ୍ କରି ନିଜର ଅଭିଯୋଗ, ସ୍ପଷ୍ଟୀକରଣ କିମ୍ବା ନିର୍ବାଚନ ସମ୍ବନ୍ଧୀୟ ପ୍ରକ୍ରିୟା ଏବଂ ଆବଶ୍ୟକତା ସମ୍ପର୍କରେ ମାର୍ଗଦର୍ଶନ ପାଇପାରିବେ।

## ଗଡ଼ଗଡ଼ିଆ ଚନ୍ଦନ ଉତ୍ସବ ପ୍ରସ୍ତୁତି

ବାଲେଶ୍ୱର, ୧୬।୪(ସମିସ): ବାଲେଶ୍ୱର ଗଡ଼ଗଡ଼ିଆ ୪୫ତମ ଚନ୍ଦନ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ କମିଟିର ଆବାହକ ସୁବ୍ରତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ଉତ୍ସବ ୪୫ବର୍ଷରେ ପଦାର୍ପଣ କରୁଥବାରୁ କମିଟି ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ତଥା ଚନ୍ଦନ ଉତ୍ସବ ମହା ସମାରୋହରେ ପାଳନ କରିବାପାଇଁ ସ୍ଥିର କରାଯାଇଥିଲା। ଏବର୍ଷ ଚନ୍ଦନ ଉତ୍ସବ ଆସନ୍ତା ମେ ମାସ ୧୯ ତାରିଖରୁ ଆରମ୍ଭ ହୋଇ ୨୩ତାରିଖ ପର୍ଯ୍ୟନ୍ତ ପାଳନ କରିବା ପାଇଁ ସ୍ଥିର ହୋଇଛି। ଏହି ପରିପ୍ରେକ୍ଷୀରେ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ସୁଧାସିନ୍ଧୁ ପଣ୍ଡା, ସମ୍ପାଦକ ଭାବେ ବିଦ୍ୟାଧର ପଣ୍ଡା, କାର୍ଯ୍ୟକାରୀ ସଭାପତି ଭାବେ ହିମାଂଶୁ ଶେଖର ଦାସ, କୋଷାଧ୍ୟକ୍ଷ ଭାବେ ଅମର ସେନ, ଯୁଗ୍ମ ସମ୍ପାଦକ ଭାବେ ପ୍ରଶାନ୍ତ ଦାସଙ୍କୁ ମନୋନିତ କରାଯାଇଥିଲା। ସଭ୍ୟ ଅନୁପ କୁମାର ଦାସ, ଗଜେନ୍ଦ୍ର ଦାସ, ଦୀପକ ଦାସ, ଅମୂଲ୍ୟ ସେଠୀ, ଶଶିଭୂଷଣ ବେହେରା ଓ ଶ୍ରୀମନ୍ତ ମାଝୀଙ୍କୁ ଉପଦେଷ୍ଟା ମଣ୍ଡଳୀ ରୂପେ ଚୟନ କରାଯାଇଥିଲା।

## ବାଲେଶ୍ୱର ମଣ୍ଡଳ କାର୍ଯ୍ୟାଳୟରେ ପିଏନ୍‌ବିର ଅଞ୍ଚଳ ପ୍ରମୁଖ



ବାଲେଶ୍ୱର, ୧୬।୪(ସମିସ): ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଅଞ୍ଚଳ ପ୍ରମୁଖ ରାଜେଶ କୁମାର ଆଜି ବାଲେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ଗସ୍ତ କରି ବ୍ୟାଙ୍କ ର ବରିଷ୍ଠ ଅଧିକାରୀ ମାନଙ୍କ ସହ ବ୍ୟାଙ୍କର ବ୍ୟବସାୟ, ବ୍ୟଙ୍କିଙ୍ଗ ସେବା, ଗ୍ରାହକ ମାନଙ୍କୁ ଉତ୍ତମ ସେବା, ଋଣ ଆଦାୟ, କର୍ମଚାରୀ ମାନଙ୍କ ବିବିଧ ଅସୁବିଧା, ସମସ୍ୟା ଓ ଏହାର ନିରାକରଣ ଉପରେ ସବିଶେଷ ସମୀକ୍ଷା କରିଥିଲେ। ବୈଠକରେ ବାଲେଶ୍ୱର ମଣ୍ଡଳ ଶାଖା ପ୍ରବନ୍ଧକ ପୁରୁଷୋତ୍ତମ ପଟ୍ଟନାୟକ, ମୃଣାଳ ମହାନ୍ତି ଏବଂ ବ୍ୟାଙ୍କ ର ସମସ୍ତ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ଜୋନାଲ ହେଡ଼ ରାଜେଶ କୁମାର ଓ ତାଙ୍କ ପତ୍ନୀ ସୁଷମା କୁମାରୀଙ୍କୁ କାର୍ଯ୍ୟାଳୟ ପରିସର ରେ କର୍ମଚାରୀ ମାନେ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ମେସେର୍ସ ସିଟି ଇନ ଭେସ୍ଟିଗେଶନ ଏଣ୍ଡ ଡିଟେକଟିଭର ମ୍ୟାନେଜର ଶାନ୍ତନୁ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରୀରାମ ନବମୀରେ ବିଶାଳ ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୧୬।୪(ସମିସ): ପ୍ରତିବର୍ଷ ଭଳି ଶ୍ରୀରାମ ଚେତନା ଜାଗରଣ ସଂଘ ପକ୍ଷରୁ ଚଳିତ ବର୍ଷ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଙ୍କ ଜନ୍ମ ଉତ୍ସବ ପାଳନ ଅବସରରେ ହେବାକୁ ଥିବା ବିଶାଳ ପଦଯାତ୍ରା ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଆତିଥ୍ୟ ଭବନରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀରାମ ଚେତନା ଜାଗରଣ ସଂଘର କର୍ମକର୍ତ୍ତା ଯୋଗଦେଇ ହେବାକୁ ଥିବା ବାଇକ ରାଲି ଓ ୧୭ ତାରିଖର ବିଶାଳ ପଦଯାତ୍ରା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ସେହିପରି ଅପରାହ୍ନରେ ଶତାଧିକ ବାଇକକୁ ନେଇ ଏକ ଶୋଭାଯାତ୍ରା ବାଲେଶ୍ୱର ସହର ସମେତ ସହର ତଳି ଅଞ୍ଚଳ ପରିକ୍ରମା କରିଛି। ୧୭ ତାରିଖ ଅପରାହ୍ନ୧ଟା ସମୟରେ ବିଶାଳ ପଦଯାତ୍ରା ସ୍ଥାନୀୟ ପରମିଟ ପଡ଼ିଆରୁ ବାହାରି ସହର ପରିକ୍ରମା ପୂର୍ବକ ପୁଣି ସେଠାରେ ପହଞ୍ଚିବ। ଏହି ପଦଯାତ୍ରାରେ ସହର ସମେତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୩୦ହଜାର ଶ୍ରଦ୍ଧାଳୁ ଯୋଗଦେବା ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି ଶୋଭାଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଜାଗରଣ ସଂଘର ତିନି ଶହରୁ ଅଧିକ କର୍ମୀ କାର୍ଯ୍ୟ କରିବେ। ଶୋଭାଯାତ୍ରା ଯାଉଥିବା ରାସ୍ତାରେ ଛକ ଛକରେ ବିଭିନ୍ନ ସଙ୍ଗଠନ ଓ ଅନୁଷ୍ଠାନ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା କରାଯିବ। ତେବେ ଜିଲ୍ଲା ପୁଲିସ ଓ ପ୍ରଶାସନର ନିର୍ଦ୍ଦେଶାନୁସାରେ ତଥା ନିୟମ ଭିତିରେ ଏହି ଶୋଭାଯାତ୍ରା ଶୃଙ୍ଖଳିତ କରିବା ପାଇଁ କର୍ମକର୍ତ୍ତା ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# ବାସନ୍ତିକ ଦୁର୍ଗୋତ୍ସବ ପାଇଁ ସହର ଉତ୍ସବମୁଖର

ବାଲେଶ୍ୱର, ୧୬।୪(ସମିସ):

ପବିତ୍ର ବାସନ୍ତିକ ଦୁର୍ଗୋତ୍ସବ ପାଇଁ ସହର ସମେତ ସମଗ୍ର ବାଲେଶ୍ୱର ଜିଲ୍ଲା ହୋଇଉଠିଛି ଉତ୍ସବ ମୁଖର। ଜଗତଜନନୀ ମାଆ ଦୁର୍ଗାଙ୍କର ଏହି ପୂଜା ପାଇଁ ବିଭିନ୍ନ ଶକ୍ତିପୀଠ ଏବଂ ସାର୍ବଜନୀନ ପୂଜା ମଣ୍ଡପରେ କ୍ରମଶଃ ଭକ୍ତଙ୍କର ଭିଡ଼ ଆରମ୍ଭ ହୋଇଥିବା ଲକ୍ଷ୍ୟ କରାଯାଇଛି। ମାଆଙ୍କ ମୃଣ୍ମୟ ମୂର୍ତ୍ତି ସାଙ୍ଗକୁ ସୁଦୃଶ୍ୟ ତୋରଣ ଏବଂ ରଙ୍ଗୀନ ଆଲୋକ ସଜ୍ଜାରେ ଝଲସି ଉଠୁଛି ପୂଜା ମଣ୍ଡପ। ମା'ଙ୍କର ଘଟତ୍ତୋଳନ ପରେ ପୂଜାମଣ୍ଡପରେ ବିଧିବଦ୍ଧ ଭାବେ ମହାସପ୍ତମୀ ପୂଜା ଆରମ୍ଭ ହୋଇଥିଲା। ବାଲେଶ୍ୱର ସହରର ନିଉ ମାର୍କେଟ କମ୍ପେ୍ଲକ୍ସ, ମାକଲପୁର, ଆଜିମାବାଦ, ନୂଆସାହି, ସହର ଉପକଣ୍ଠ ଈଶାଣୀ, ସାହାଦା ପ୍ରଭୃତି ପ୍ରମୁଖ ମଣ୍ଡପମାନଙ୍କରେ ମା'ଦୁର୍ଗାଙ୍କର ଷୋଡ଼ଶ ଉପଚାର ପୂଜା ଚାଲିଥିବା ଦେଖିବାକୁ ମିଳିଥିଲା। ଫାଣ୍ଡିଛକ ସ୍ଥିତ ନିୟୁ ମାର୍କେଟ କମ୍ପ୍ଲେକ୍ସ ସାର୍ବଜନୀନ ବାସନ୍ତୀ ପୂଜା କମିଟି ପକ୍ଷରୁ ମଧ୍ୟ ମା'ଙ୍କର ପୂଜା ଉତ୍ସବ ମହାଆଡମ୍ବରରେ ପାଳନ କରାଯାଉଛି। ପ୍ରତ୍ୟେକ ବର୍ଷ ପରି ଏବର୍ଷ ମଧ୍ୟ ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ମା'ଙ୍କ ପୂଜାପାଇଁ ସମସ୍ତ ପ୍ରକାର ଆୟୋଜନ କରାଯାଇଛି। ସୋମବାର ଦିନ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ ପୁଷ୍କରିଣୀରୁ ଘଟତ୍ତୋଳନ କରାଯାଇ ପୂଜାମଣ୍ଡପକୁ ଅଣାଯିବା ପରେ ଶାସ୍ତ୍ରବିଧି ଅନୁସାରେ ମାଙ୍କ ମହାସପ୍ତମୀ ପୂଜା କରାଯାଇଥିଲା। ସେହିପରି ମଙ୍ଗଳବାର ମା'ଙ୍କର ମହାଷ୍ଟମୀ ପୂଜା ସହିତ ସନ୍ଧି ପୂଜ। ଅନୁଷ୍ଠିତ ହୋଇଥିଲା। ବ୍ରାହ୍ମଣଙ୍କ ବେଦମନ୍ତ୍ର ଉଚ୍ଚାରଣ ସାଙ୍ଗକୁ ହୋମଯଜ୍ଞ ଏବଂ ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନାରେ ସମଗ୍ର ସହରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବିଭିନ୍ନ ଅଞ୍ଚଳର ଶ୍ରଦ୍ଧାଳୁ ଓ ମାନସିକଧାରୀ ପୂଜାମଣ୍ଡପରେ ମା'ଙ୍କ ନିକଟରେ ଡାଲା ଭୋଗ ଅର୍ପଣ କରିଥିଲେ। ସମସ୍ତେ ମାନସିକ ବ୍ରତ ପାଳନ ସହ ମା'ଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରି ପରିବାରର ମଙ୍ଗଳ କାମନା କରିଥିଲେ। ଚଳିତ ବର୍ଷ ନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ଦଳର ପ୍ରାର୍ଥୀମାନେ ପୂଜା ମଣ୍ଡପ ବୁଲିବା ସହିତ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତସିଂହାର ଓ ସଦର ବିଧାୟକ ପ୍ରାର୍ଥୀ ସ୍ୱରୂପ କୁମାର ଦାସ ନ୍ୟୁ ମାର୍କେଟ ପୂଜା ମଣ୍ଡପରେ ପହଞ୍ଚି ମା'ଙ୍କର ଆଶିଷ କାମନା କରିଥିଲେ। ବୁଧବାର ମହାନବମୀ ପୂଜା ଅନୁଷ୍ଠିତ ହେବ ବୋଲି ପୂଜକ କହିଛନ୍ତି। ନିୟୁ ମାର୍କେଟ ପୂଜା ମଣ୍ଡପରେ ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ମାନସିକ ବ୍ରତ ପାଳନ ସହିତ ମାଆଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରି ପରିବାରର ମଙ୍ଗଳ କାମନା କରିଥିଲେ। ପ୍ରତ୍ୟେକ ବର୍ଷ ନିୟୁ ମାର୍କେଟ କମ୍ପ୍ଲେକ୍ସର ବ୍ୟବସାୟୀଙ୍କ ସହଯୋଗରେ ବାସନ୍ତୀ ପୂଜା କରାଯାଇଥାଏ। ଏଠିକାର ବ୍ୟବସାୟୀମାନେ ପରସ୍ପର ମଧ୍ୟରେ ଭାଇଚାରା ଭାବ ବଜାୟ ରଖି ବାସନ୍ତୀଙ୍କ ବାର୍ଷିକ ପୂଜା ଉତ୍ସବ ପାଳନ କରିଥାଆନ୍ତି। ଆଜିକୁ ୩୫ବର୍ଷ ହେବ ଉଭୟ ହିନ୍ଦୁ ଓ ମୁସଲମାନ ଭାଇମାନେ ଏକାଠି ହୋଇ ଏହି ପବିତ୍ର ବାସନ୍ତୀ ପୂଜା କରିଆସୁଛନ୍ତି।



## ବେଳାଭୂମି ସଂରକ୍ଷିତ ଝାଉଁ ଜଙ୍ଗଲ

# ଦିନରେ ମୂଲଚାଲ, ରାତିରେ ଗଛକାଟି ଚାଲାଣ

- ସବୁଜ ବାହିନୀ କର୍ମଚାରୀଙ୍କ ସମ୍ପୃକ୍ତି ଅଭିଯୋଗ
- ରେଞ୍ଜରଙ୍କ ନିର୍ଦ୍ଦେଶରେ ହେଲା ଜବତ

ଭୋଗରାଇ/ଚନ୍ଦନେଶ୍ୱର, ୧୬।୪ (ସମିସ) : ବାଡ ଖାଉଛି ଫସଲ। ବନ ବିଭାଗ ଅଧିକାରୀ, କର୍ମଚାରୀ ଓ ବନ ବିଭାଗକୁ ସହଯୋଗ କରିବା ପାଇଁ ରହିଥିବା ସବୁଜ ବାହିନୀର କେତେକ ସଦସ୍ୟ ରାତିରେ ସଂରକ୍ଷିତ ଝାଉଁ ଜଙ୍ଗଲ ସଫା କରୁଥିବା ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। କାଠ ମାଫିଆଙ୍କ ଦ୍ୱାରା ରାତାରାତି ସମୁଦ୍ର ବେଳାଭୂମି ସଂରକ୍ଷିତ ଝାଉଁ ଜଙ୍ଗଲରୁ ଗଛ କାଟି ତାକୁ ଜାଳେଣି କାଠ ଆକାରରେ ପ୍ରସ୍ତୁତ କରି ଇଞ୍ଜିନ ରିକ୍ସା ମାଧ୍ୟମରେ ପଶ୍ଚିମବଙ୍ଗକୁ ଚାଲାଣ କରୁଥିଲା ବେଳେ ଗାଁ ଲୋକଙ୍କ ହାତରେ ଧରାପଡ଼ି ହଟହଟା ହେବା ଘଟଣା ବନ ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।
ସୋମବାର ରାତି ପ୍ରାୟ ୧୧ଟା ସମୟରେ ଭୋଗରାଇ ବ୍ଲକ ତାଳସାରି ମେରାଇନ ଥାନା ସାହାବାଜିପୁର ପଞ୍ଚାୟତ ଅନ୍ତର୍ଗତ ସମୁଦ୍ର ବେଳାଭୂମି ସାହାପୁର ମୌଜାର ବନ ବିଭାଗ ଅଧୀନରେ ଥିବା ସଂରକ୍ଷିତ ଝାଉଁ ଜଙ୍ଗଲରୁ ଗୋଟିଏ କାଠ ବୋଝେଇ ଇଞ୍ଜିନ ରିକ୍ସା ଗାଁ ରାସ୍ତା ଦେଇ ଯାଇଥିବା ସମୟରେ ସେହି ଗ୍ରାମର ଜନୈକ ଯୁବକ ସୁଶାନ୍ତ ପଟ୍ଟାୟତଙ୍କ ସହିତ କିଛି ଗ୍ରାମବାସୀ ଅଟକ ରଖି ଉଦୟପୁର ବନଖଣ୍ଡ ବନପାଳ ଜ୍ୟୋସ୍ନାରାଣୀ ଦତ୍ତଙ୍କୁ ମୋବାଇଲ ଯୋଗେ ସୂଚନା ଦେଇଥିଲେ। ଯାଉଛି କହି ବନପାଳ ଶ୍ରୀମତି ଦତ୍ତ ଦୀର୍ଘ ସମୟ ପର୍ଯ୍ୟନ୍ତ ଘଟଣାସ୍ଥଳରେ ପହଞ୍ଚି ନଥିଲେ। ପରେ ନିଜ ମୋବାଇଲ ବନ୍ଦ କରିଦେଇଥିଲେ। ବହୁ ସମୟ ପରେ ଗାଁ ଲୋକେ ଜଳେଶ୍ୱର ବନ୍ୟପ୍ରାଣୀ ବନଖଣ୍ଡ ରେଞ୍ଜର ଜୟଶ୍ରୀ ମୁର୍ମୁଙ୍କୁ ମୋବାଇଲ ଫୋନ ଯୋଗେ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ରେଞ୍ଜରଙ୍କ ନିର୍ଦ୍ଦେଶ କ୍ରମେ ସବୁଜ ବାହିନୀର ଜନୈକ କର୍ମଚାରୀ ରାଜୀବ କୁମାର ଜେନା (ରାଜୁ) ଘଟଣାସ୍ଥଳରେ ପହଞ୍ଚି ଏହି କାଠ ଟେଣ୍ଡର ମାଧ୍ୟମରେ ବିକ୍ରି ହୋଇଛି ବୋଲି କହି ଛାଡି ଦେବାକୁ କହିଥିଲେ। ଏହାର ବୈଧ ରସିଦ ଦେଖାଇବାକୁ କହିବାରୁ ସବୁଜ ବାହିନୀ କର୍ମଚାରୀ ଶ୍ରୀ ଜେନା ଉତ୍ତେଜିତ ହୋଇ ଗାଁ ଲୋକଙ୍କ ସହିତ ପ୍ରବଳ ଯୁକ୍ତିତର୍କ କରିବା ସହ ଗାଳିଗୁଲଜ ମଧ୍ୟ କରିଥିଲେ। ଏହାସହିତ ଗ୍ରାମବାସୀଙ୍କ ଦ୍ୱାରା ଅଟକ ଇଞ୍ଜିନ ରିକ୍ସାରୁ ଜୋରଜବରଦସ୍ତ କାଠ ବାହାର କରିଦେଇ ତାକୁ ସେଠାରୁ ଖସାଇ ଦେଇଥିଲେ। ଏହି ଘଟଣା ସମ୍ପର୍କରେ ଗାଁ ଲୋକେ ପୁଣି ରେଞ୍ଜରଙ୍କୁ ଫୋନ ଯୋଗେ ସୂଚନା ଦେବାରୁ ସବୁଜ ବାହିନୀ କର୍ମଚାରୀ ଶ୍ରୀ ଜେନା ରିକ୍ସାରୁ ବାହାର କରିଦେଇଥିବା କାଠକୁ ଜବତ କରାଗଲା ବୋଲି କହିଥିଲେ। ତେବେ ଜଙ୍ଗଲରୁ ଚୋରି ହେଉଥିଲା ବେଳେ ଗାଁ ଲୋକେ ଏହାକୁ ଅଟକାଇ ବନ ବିଭାଗକୁ ସୂଚନା ଦେଇଥିଲେ ମଧ୍ୟ ବନପାଳ ଘଟଣାସ୍ଥଳରେ ନ ପହଞ୍ଚିବା ଏବଂ ମୋବାଇଲ ଫୋନ ବନ୍ଦ କରିଦେବା, ଅନ୍ୟପଟେ ସବୁଜ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କାଠ ଚୋରାଚାଲାଣ କରୁଥିବା ରିକ୍ସାରୁ କାଠ ବାହାର କରି ତାକୁ ଖସାଇ ଦେବା, ଚୋରା କାଠକୁ ଟେଣ୍ଡର କାଠ ବୋଲି କହିବା ଏବଂ ପରେ ସେହି କାଠକୁ ଜବତ କରିବା ଘଟଣା ଜଙ୍ଗଲ ସଫା କରିବା କାର୍ଯ୍ୟରେ ବନ ବିଭାଗ ନିୟୋଜିତ ରହିଥିବା ଘଟଣାକୁ ପ୍ରମାଣିତ କରିଛି। ଏ ନେଇ ମଙ୍ଗଳବାର ସକାଳେ ଉଦୟପୁର ବନପାଳ ଶ୍ରୀମତି ଦତ୍ତଙ୍କୁ ପଚାରିବାରୁ ସେ ଏହାର କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଅନ୍ୟପକ୍ଷରେ ଜଳେଶ୍ୱର ବନ୍ୟପ୍ରାଣୀ ବନଖଣ୍ଡ ରେଞ୍ଜର ଜୟଶ୍ରୀ ମୁର୍ମୁଙ୍କୁ ଫୋନରେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ରିସିଭ କରିନଥିଲେ।
ପ୍ରକାଶ ଯେ, ବିଗତ ୪ ବର୍ଷ ହେଲା ସମୁଦ୍ର ବେଳାଭୂମି ସାହାପୁର ସଂରକ୍ଷିତ ଜଙ୍ଗଲକୁ ଲାଗି ଘରଦ୍ୱାର ନିର୍ମାଣ କରି ବସବାସ କରିବା ପାଇଁ ଜନୈକ ବ୍ୟକ୍ତିଙ୍କୁ ତତ୍କାଳୀନ ଉଦୟପୁର ବନପାଳ ଅଜୟ କୁମାର ଜେନା ଅନୁମତି ଦେଇଥିଲେ। ସେ ଜଙ୍ଗଲ ସୁରକ୍ଷା ଦିଗରେ ବନ ବିଭାଗକୁ ସହଯୋଗ କରିବେ ବୋଲି ତତ୍କାଳୀନ ବନପାଳ ଶ୍ରୀ ଜେନା ଗଣମାଧ୍ୟମକୁ ଉତ୍ତର ଦେଇଥିଲେ। ସେହି ସମୟରୁ ବ୍ୟକ୍ତିଜଣକ ସେଠାରେ ଘର ନିର୍ମାଣ କରି ରହିବା ସହିତ ଉଦୟପୁର ବନପାଳ, ବନରକ୍ଷୀ ଏବଂ ସବୁଜ ବାହିନୀଙ୍କ ଅନୁଗତ ସାଜି, ସେମାନଙ୍କ ନିର୍ଦ୍ଦେଶରେ କାଠ ମାଫିଆ ମାନଙ୍କୁ ଝାଉଁ ଗଛ ବିକ୍ରି କରିବା ଏବଂ ରାତିରେ ସେସବୁକୁ କାଟି ବୋହି ନେଇଯିବା ପାଇଁ ସହଯୋଗ କରିଆସୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ହେଲେ ବନ ବିଭାଗ ଉଚ୍ଚ ଅଧିକାରୀମାନେ ନିଦାବିଷ୍ଟ ସାଜିଛନ୍ତି। ଫଳରେ ଉଦୟପୁର- ତାଳସାରି - କୀର୍ତ୍ତନିଆ ୧୦ କିମି ଦୀର୍ଘ ବେଳାଭୂମି ସଂଲଗ୍ନ ବିସ୍ତୀର୍ଣ୍ଣ ତଥା ସଂରକ୍ଷିତ ଝାଉଁ ଜଙ୍ଗଲ ଏବେ ସଫା ହେବାକୁ ବସିଛି। କାଠ ମାଫିଆ ଏବଂ ଦୋଷୀ ବନ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହେଲେ ଏବଂ ଜଙ୍ଗଲ ସୁରକ୍ଷା ପାଇଁ କଠୋର ବ୍ୟବସ୍ଥା କରାନଗଲେ ଆଗାମୀ ଦିନରେ ଆଉ ଝାଉଁ ଜଙ୍ଗଲ ଦେଖିବାକୁ ମିଳିବ ନାହିଁ।

## ୨୦ରୁ ମହାବଳା ପ୍ରିମିୟମ ଲିଗ୍

ବଳରାମପୁର, ୧୬।୪(ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବାଲିକୁଟି ଗ୍ରାମ ପଞ୍ଚାୟତ ମହାବଳା ଗ୍ରାମରେ (ଏମ ପି ଏଲ) ଖେଳ ଆସନ୍ତା ୨୦ ତାରିଖ ଆରମ୍ଭ ହେବ ବୋଲି ମହାବଳା କ୍ରିକେଟ ଆସୋଏସନର ସଭାପତି ପ୍ରଦୀପ ଜେନା କହିଛନ୍ତି। ଏହି ଏମ ପି ଏଲ ର ଖେଳାଳି ମାନଙ୍କର ନିଲାମି ପ୍ରକ୍ରିୟା ଆଜି ଆରମ୍ଭ ହୋଇଛି। ଏହି ନିଲାମୀ ପ୍ରକ୍ରିୟାରେ ଚାରଟି ଟିମ ଅଂଶଗ୍ରହଣ କରିଛନ୍ତି। ରୟାଲ ଚେଲେଞ୍ଜର ବାଲିଆପାଳର ମାଲିକ ମାନସ ରଞ୍ଜନ ଦାସ, ଟାଇଗର ଇଲେଭେନର ମାଲିକ ମାନସ କୁମାର ଦାସ, ସାଇସାଧନା ଇନ୍ଷୁଚୋଟ ମାଲିକ ଶିବ ଶଙ୍କର ଦାସ, କେ ଏଲ ୱାରିୟର୍ସ ମାଲିକ ପ୍ରବୀର ନନ୍ଦୀ ଅଂଶଗ୍ରହଣ କରିଛନ୍ତି। ଏଥିରେ ୯୨ ଜଣ ଖେଳାଳି ଅଂଶ ଗ୍ରହଣ କରିଥିଲେ। ଅଧିକ ଦାମରେ ବିକ୍ରି ହୋଇଥିବା ପ୍ରଥମ ଖେଳାଳି ସମ୍ବିଦ ଗିରି, ଦ୍ୱିତୀୟ ଖେଳାଳି ନୀଳାମ୍ବର ପଣ୍ଡା, ତୃତୀୟ ଖେଳାଳି ତପନ ରାଉତଙ୍କ ସହିତ ୬୩ ଜଣ ଖେଳାଳିଙ୍କୁ ମାଲିକ ମାନେ କିଣିଥିଲେ। ମହାବଳା କ୍ରିକେଟ ଆସୋସିଏସନର ସଭାପତି ପ୍ରଦୀପ ଜେନା, ସମ୍ପାଦକ ଜୟଦେବ ପ୍ରଧାନ, ସିଇଓ ଅଭୟ ସାମଲ, ସଦସ୍ୟ ଅନ୍ତର୍ଯ୍ୟାମୀ ସାମଲ, ବାମନ ଚନ୍ଦ୍ର ପଡ଼ିଆରୀ, ରଞ୍ଜନ କୁମାର ରାଉଳ, ସିପୁନ ଜେନା, ଅନିଲ ଭୂୟାଁ, ଶିବୁ ସାମଲ, ସରୋଜ ଜେନା ପ୍ରମୁଖ ଖେଳକୁ ଆରମ୍ଭ ରୁ ଶେଷ ପ୍ରଯ୍ୟନ୍ତ ସହଯୋଗ କରିବେ ବୋଲି ଶ୍ରୀ ଜେନା କହିଥିଲେ।

## ଜଳେଶ୍ୱର ବିଜେପି ପ୍ରାର୍ଥୀ ବ୍ରଜଙ୍କ ବିରୋଧରେ କର୍ମୀଙ୍କ ବାଇକ୍ ରାଲି



ନାମ୍ପୋ, ୧୬।୪(ସମିସ): ପଦାରେ ପଡ଼ିଲା ଜଳେଶ୍ୱର ବିଜେପିର ଗୋଷ୍ଠୀ କନ୍ଦଳ। ନେତୃତ୍ୱ ବିହୀନ ବିଜେପି କର୍ମୀଙ୍କ ପ୍ରାର୍ଥୀତ୍ୱ ବିରୁଦ୍ଧରେ ଶକ୍ତି ପ୍ରଦର୍ଶନ, ପ୍ରାର୍ଥୀ ପରିବର୍ତ୍ତନ ନ ହେଲେ ସାଂସଦ ପ୍ରାର୍ଥୀଙ୍କୁ ବିରୋଧର ଚେତାବନୀ ଦେଇଛନ୍ତି ଅସନ୍ତୁଷ୍ଟ ଗୋଷ୍ଠୀ। ଭାରତୀୟ ଜନତା ପାର୍ଟି, ଜଳେଶ୍ୱର ଶାଖାର ତୃଣମୂଳ କର୍ମୀମାନଙ୍କ ମଧ୍ୟରେ ଥିବା ଅନେକ ଦିନର ଅସନ୍ତୋଷ ଶେଷରେ ବିସ୍ଫୁରିତ ହୋଇଛି। ଦଳର ତୃଣମୂଳ କର୍ମୀମାନଙ୍କୁ ଛାଡି ଦଳର ଶୀର୍ଷ ନେତୃତ୍ୱ ଦଳଡିଆଁ ମାନଙ୍କ ପଛରେ ଗୋଡାଇବା ଅତ୍ୟନ୍ତ ହାସ୍ୟାସ୍ପଦ ଘଟଣା ବୋଲି ବିଜେପିର ପୁରୁଖା କର୍ମୀ କହିଛନ୍ତି। ସେଥିପାଇଁ ଆଜି ଶତାଧିକ ବିଜେପି କର୍ମୀ ଜଳେଶ୍ୱର ଚାଲନ୍ତି ଛକ ନିକଟରୁ ଏକ ବାଇକ ରାଲିରେ ଜଳେଶ୍ୱର ସହର ପରିକ୍ରମା ପୂର୍ବକ ଅଗ୍ରୱାଲା ଛକ ପର୍ଯ୍ୟନ୍ତ ବାଇକ ରାଲି କରି ଦଳର ନିଷ୍ପତ୍ତି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନିଜ ଦଳର ନେତାଙ୍କୁ ଅଣଦେଖା କରିବାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି କର୍ମୀମାନେ। ଦଳର ତୃଣମୂଳ କର୍ମୀମାନେ ହିଁ ଦଳର ଅସଲ ଶକ୍ତି ବୋଲି ଜଣାଇବା ପାଇଁ ଆଜିର ଏହି ଶକ୍ତି ପ୍ରଦର୍ଶନ ବୋଲି ପ୍ରକାଶ କରିଛନ୍ତି କର୍ମୀମାନେ। ବ୍ରଜମୋହନ ପ୍ରଧାନଙ୍କ ବିଜେପିରେ ଯୋଗଦାନକୁ ସମସ୍ତେ ସ୍ୱାଗତ କରୁଥିବାବେଳେ ତାଙ୍କୁ ଟିକଟ ଦେଇ ଦଳର ପ୍ରାର୍ଥୀ କରିବାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଯେଉଁମାନେ ଦୀର୍ଘ ବର୍ଷ ଧରି ଦଳକୁ ଗଠନ କରିବା ସହିତ ନେତୃତ୍ୱ ନେଇ ପରିବାର ତିଆରି କରିଥିଲେ ସେମାନଙ୍କ ଉପରେ ଆସ୍ଥା ନ ରଖି ନୂତନ ଭାବେ ପରିବାରକୁ ଆସିଥିବା ବ୍ୟକ୍ତି ଉପରେ ଆସ୍ଥା ସ୍ଥାପନ କରିବାକୁ ବିଜେପି ପରିବାର ସହଜରେ ଗ୍ରହଣ କରିବ ନାହିଁ ବୋଲି କହିବା ସହିତ ବିରୋଧ କରିବା ପାଇଁ ବାଧ୍ୟ ହେବେ ବୋଲି କହିଛନ୍ତି କର୍ମୀ ମାନେ। ଏପରିକି ସାଂସଦ ପ୍ରାର୍ଥୀଙ୍କୁ ମଧ୍ୟ ବିରୋଧ କରାଯିବ ବୋଲି କର୍ମୀମାନେ ଚେତାବନୀ ଦେଇଛନ୍ତି।

## ବାଲିଆପାଳ ବିଜେଡିର ମିଶ୍ରଣ ପର୍ବ



ବାଲିଆପାଳ /ଲଙ୍ଗଳେଶ୍ୱର, ୧୬।୪, (ସମିସ): ଲଙ୍ଗଳେଶ୍ୱରସ୍ଥିତ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ବାସଭବନରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଏବଂ ନିର୍ମଳ ଭାବମୂର୍ତ୍ତିରେ ଅନୁପ୍ରାଣିତ ହୋଇ ବାଲିଆପାଳ ବ୍ଲକ ବଡ଼ାସ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ତଥା ବିଜେପି ସଭାପତି ହରେକୃଷ୍ଣ କରଣ ଏବଂ ବରିଷ୍ଠ କଂଗ୍ରେସ ନେତା କାର୍ତ୍ତିକ ଚନ୍ଦ୍ର ମହାନ୍ତି ଏବଂ ୱାର୍ଡ଼ ନଂ ୮, ୱାର୍ଡ଼ ନଂ ୧୦, ୱାର୍ଡ଼ ନଂ ୧୧, ୱାର୍ଡ଼ ନଂ ୧୫, ୱାର୍ଡ଼ ନଂ ୧୬ ଏବଂ ୱାର୍ଡ଼ ନଂ ୧୭ରୁ ବହୁ ସକ୍ରିୟ ସଦସ୍ୟ ବିଜେପି ଏବଂ କଂଗ୍ରେସ ଦଳ ଛାଡ଼ି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବେ ବାଲେଶ୍ୱରର ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା ଯୋଗ ଦେଇ ନୂତନ ଭାବେ ଦଳରେ ସାମିଲ ହୋଇଥିବା ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ବିଜୁ ଜନତା ଦଳକୁ ସ୍ୱାଗତ କରିଥିଲେ। ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବା ସହ ସମଗ୍ର ବସ୍ତା ନିର୍ବାଚନ ମଣ୍ଡଳୀକୁ ସମୃଦ୍ଧ ଓ ବିକଶିତ କରି ଗଢ଼ିତୋଳିବା ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ମୁଖ୍ୟ ଅତିଥି ଶ୍ରୀ ଜେନା ଆହ୍ୱାନ କରିଥିଲେ। ଏହି ମିଶ୍ରଣ ପର୍ବରେ ବସ୍ତା ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଣଜିତ୍ ମହାପାତ୍ର, ବାଲିଆପାଳ ବ୍ଲକ ବିଜେଡି ସଭାପତି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜିଲ୍ଲା ପରିଷଦ ସଭ୍ୟ ବେଣୁଧର ଜେନା, ସାର୍ଥକ ରଣଜିତ, ଅଜୟ ପାତ୍ର, ଲକ୍ଷ୍ମୀକାନ୍ତ ଦେ, ଅନନ୍ତ କରଣ ପ୍ରମୁଖ ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ନୀଳଗିରି, ୧୬।୪ (ସମିସ): ନୀଳଗିରି କୈଳାଶ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକ ବଂଶୀଧର ପଣ୍ଡାଙ୍କ ପରଲୋକ ହୋଇ ଯାଇଛି। ନୀଳଗିରି ଏନ୍‌ଏସି ଅଧିନ ୬ ନମ୍ବର ୱାର୍ଡର ରାଣୀ କୋଠୀ ନିକଟସ୍ଥ ବାସଭବନରେ ଚାକିରିରୁ ଅବସର ପରେ, ପଞ୍ଜାବ ର ଭାଟିଣ୍ଡା ଠାରେ ଚାକିରି କରିଥିବା ବଡ ପୁଅଙ୍କ ବାସଭବନରେ ଗତ ୧୦ ତାରିଖରେ



ଦେହାନ୍ତ ହୋଇଅଛି। ସେ ୧୯୭୫ ମହିସାରେ ସଂସ୍କୃତ ଶିକ୍ଷକ ଭାବେ ନୀଳଗିରି ସ୍ଥିତ କେସି ହାଇସ୍କୁଲରେ ଦାଇତ୍ୱ ଗ୍ରହଣ କରି ୨୦୦୦ ମସିହାରେ ଅବସରନେଇଥିଲେ। ଜଣେ ନିଷ୍ଠାପର ଶିକ୍ଷକ ରୂପେ ସମାଜର ବହୁମୂଲ୍ୟ ସେବା ଦେଇ ୧୯୯୭ ପାଇଁ ତାଙ୍କୁ ରାଜ୍ୟପାଳ ପୁରସ୍କାର ପାଇଥିଲା। ତତ୍ ସହିତ ସେ ବହୁ ପ୍ରତିଭାର ଅଧିକାରୀ ଥିବା ସହିତ ସମାଜ ର ବହୁ ଜନକଲ୍ୟାଣ କାର୍ଯ୍ୟରେ ଓତପୋତ ଭାବେ ଜଡିତ ଥିଲେ। ୧୯୪୩ ମସିହା ଜାନୁଆରୀ ୨ ତାରିଖରେଉତ୍ତର ଓଡ଼ିଶା ର ବାଲେଶ୍ୱର ଜିଲ୍ଲା ବାଲିଆପାଳ ଠାରେ ଜନ୍ମ ଗ୍ରହଣ କରିଥିଲେ। ମୃତ୍ୟୁ ସମୟରେ ତାଙ୍କୁ ୮୩ ବର୍ଷ ହୋଇଥିଲା। ଚାକିରିରୁ ଅବସର ନେବା ପରେ, ବଡପୁଅ ତାଙ୍କୁ ନିଜ ପାଖକୁ ନେଇଯାଇ ସେବା ସୁସୃଷା କରୁଥିଲେ। ତାଙ୍କର ମୃତ୍ୟୁରେ ବଡପୁଅ ଜ୍ଞାନରଞ୍ଜନ, ସାନପୁଅ ସତ୍ୟରଞ୍ଜନ, ସପରିବାର ବର୍ଗଙ୍କ ଭିତରେ ଶୋକର ଛାୟା ଖେଳିଯାଇଛି।

## ବାଲିଖଣ୍ଡ ଡିଗ୍ରୀ ମହାବିଦ୍ୟାଳୟରେ ମତଦାନ ସଚେତନତା କାର୍ଯ୍ୟକ୍ରମ




ସିମୁଳିଆ, ୧୬।୪(ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ବାଲିଖଣ୍ଡ ଡିଗ୍ରୀ ମହାବିଦ୍ୟାଳୟରେ ବାଲେଶ୍ୱର ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ନୋଡାଲ ଅଫିସର ଶାନ୍ତନୁ ବାନାର୍ଜୀ, ଅନ୍ୟ ସହଯୋଗୀ ନିଶାନ୍ତ ଏବଂ ସିମୁଳିଆ ବ୍ଲକର ଗ୍ରାମ ପଞ୍ଚାୟତ ଅଧିକାରୀ ମୃତ୍ୟୁଞ୍ଜୟ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲିଖଣ୍ଡ ଡିଗ୍ରୀ ମହାବିଦ୍ୟାଳୟରେ ମତାଧିକାର ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ନିର୍ବାଚନୀ ସାକ୍ଷରତା କ୍ଲବର ନୋଡାଲ ଅଫିସର ରମେଶ ଚନ୍ଦ୍ର ପଣ୍ଡା, ସୁଦେଷ୍ଣା ମହାନ୍ତି ଓ ଅଧ୍ୟାପକ ସୁଧିର ମୁଦୁଲି, ଅଧ୍ୟାପକ ନିରୋଧ କୁମାର ଜେନା ଏବଂ ଶାନ୍ତନୁ ବାନାର୍ଜୀ ତଥା ମୃତ୍ୟୁଞ୍ଜୟ ନାୟକ ନିର୍ବାଚନ ଉତ୍ସବ, ଦେଶ ଗୌରବ ଶୀର୍ଷକ ଉପରେ ଆଲୋକପାତ କରିବା ସହିତ ଭାରତର ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଘୋଷିତ ଶପଥପାଠ ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ପାଠ କରିଥିଲେ। ନିରପେକ୍ଷ, ନିର୍ଭୟରେ ଉପଯୁକ୍ତ ପ୍ରତିନିଧି ଚୟନ କରିବାକୁ ଆହ୍ୱାନ ଦେଇଥିଲେ। ଏହାପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ' ମତଦାନ ଏକ ମୌଳିକ ଅଧିକାର' ଶୀର୍ଷକ ଉପରେ ଏକ ତର୍କ ପ୍ରତିଯୋଗିତା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ବିଜେତାମାନଙ୍କୁ ପୁରସ୍କାର ସହ ପ୍ରମାଣ ପତ୍ର ଦିଆଯିବାକୁ ଜିଲ୍ଲାପାଳଙ୍କ ପ୍ରତିନିଧି ଘୋଷଣା କରିଥିଲେ। ପରିଶେଷରେ ଅଧ୍ୟାପକ ପ୍ରଶାନ୍ତ ବିହିତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ନରହରି ପେଡ଼ା, କର୍ମଚାରୀ କୈଳାସ ଚନ୍ଦ୍ର ଶଙ୍ଖୁଆ ଓ ଦାଶରଥି ମହାରଣା ଓ ଛାତ୍ର ଗଙ୍ଗାଧର, ପ୍ରଭାସ, ସୁଶାନ୍ତ ଆଦି ବିଶେଷ ସହଯୋଗ କରିଥିଲେ।

## ସାଧାରଣ ନିର୍ବାଚନ ନିମନ୍ତେ ସମନ୍ୱୟ ବୈଠକ



ନୀଳଗିରି, ୧୬।୪(ସମିସ): ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନୀଳଗିରି ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ମନ୍ଦରଧର ମହାଲିକଙ୍କ ଅଧ୍ୟକ୍ଷତା ରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ନିରପେକ୍ଷ, ଅବାଧ ଓ ଶୃଙ୍ଖଳିତ ଭାବେ ସମ୍ପାଦନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ନିର୍ବାଚନ ପ୍ରକ୍ରିୟାରେ ନିର୍ବାଚନ ଅଧିକାରୀଙ୍କ ସହିତ ଚାରି ଜଣ ନିର୍ବାଚନ ଅଧିକାରୀ ସହଯୋଗ କରିବେ। ନୀଳଗିରି ନିର୍ବାଚନ ମଣ୍ଡଳୀର ମୋଟ ୨ ଲକ୍ଷ ୧୫ ହଜାର ୬୨୦ ଜଣରୁ ଉର୍ଦ୍ଧ ମତଦାତା ୨୧୯ଟି ବୁଥ ରେ ମତଦାନ କରିବେ। ଏଥି ମଧ୍ୟରୁ ୪୨ଟି ମଡେଲ ବୁଥ ମହିଳା ମାନଙ୍କ ଉଦେଶ୍ୟ ରେ କେବଳ ମହିଳା ପ୍ରିଜାଇଡିଂ, ପୋଲିଙ୍ଗ ଅଫିସର ଙ୍କୁ ନେଇ ୨୪ଟି ସଖୀ ବୁଥ ଏବଂ ୧୦୭ଟି ୪/୩, ୩/୪ ଉଭୟ ମହିଳା, ପୁରୁଷ ପ୍ରିଜାଇଡିଂ, ପୋଲିଙ୍ଗ ଅଫିସର ଙ୍କୁ ନେଇ କରାଯାଇଥିବା ବୈଠକରୁ ଜଣାପଡ଼ିଛି। ଆସନ୍ତା ମାସ ୭ତାରିଖରୁ ନାମାଙ୍କନ ପତ୍ର ଦାଖଲ, ପ୍ରତ୍ୟାହାର ପରେ ମଇ ୧୭ ତାରିଖ ସୁଦ୍ଧା ସମସ୍ତ ଯୋଗ୍ୟ ପ୍ରାର୍ଥୀ ମାନଙ୍କ ନାମ ତାଲିକା ପ୍ରକାଶନ ବୋଲି ଉକ୍ତ ବୈଠକ ରୁ ଜଣା ପଡ଼ିଛି। ଆଦର୍ଶ ଆଚରଣ ବିଧିକୁ ଦୃଷ୍ଟିରେ ରଖି ଆଇନ ଶୃଙ୍ଖଳା ବ୍ୟବସ୍ଥା ଉପରେ ପୋଲିସର ଗୁରୁ ଦାୟିତ୍ୱ, ଜନ ସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ସଂସ୍ଥା, ପାନୀୟ ଜଳ ବ୍ୟବସ୍ଥା କୁ ଦୃଢ଼ୀ କରଣ କରିବା, ଅଗ୍ନିଶମ ସେବା ବିଭାଗ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଉପ କୋଷାଗାର ବିଭାଗ ନିର୍ବାଚନ ସମ୍ପର୍କିତ, ଷ୍ଟ୍ରଙ୍ଗ ରୁମ, ସୁରକ୍ଷା, ନିରାପତ୍ତା ପ୍ରମାଣ ପତ୍ର ଉପରେ ଗୁରୁତ୍ୱ ଦେବା, ଉପଖଣ୍ଡ ଚିକିତ୍ସାଳୟ ଦ୍ୱାରା ଉଭୟ ଆଦାନ, ପ୍ରଦାନ ଏବଂ ଗଣତି କେନ୍ଦ୍ର ଠାରେ ଆବଶ୍ୟକ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରିବା, ଗୋଷ୍ଠୀ ଶିକ୍ଷାଧିକାରୀ ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ବୁଥ ପାଇଁ ଆବଶ୍ୟକ ବ୍ୟବସ୍ଥାକୁ ଧ୍ୟାନ ଦେବା, ସିଡିପିଓ ମାନେ ଅଙ୍ଗନୱାଡି କର୍ମୀଙ୍କୁ ସହଯୋଗ ନିମନ୍ତେ ଦାୟିତ୍ୱ ନ୍ୟସ୍ତ କରିବା ସହିତ କୃଷି ଓ ଉଦ୍ୟାନ ବିଭାଗର କର୍ମକର୍ତ୍ତାଙ୍କୁ ଆବଶ୍ୟକ ସ୍ଥଳେ ଯେ କୌଣସି ସମୟରେ ତାଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇ ପାରେ ବୋଲି ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି।

## ଫୁଲବଣୀ ଭୂୟାଁ ପରିବାରର ବାସନ୍ତୀ ପୂଜାକୁ ୭୫ ବର୍ଷ

### ସ୍ଥାନୀୟ ଅଞ୍ଚଳରେ ମଧୁ ପାର୍ବଣ ରୂପେ ରହିଛି ଖ୍ୟାତି



ଚନ୍ଦନେଶ୍ୱର, ୧୬।୪(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇର ଟୁକୁରୀହାଜିରା ପଞ୍ଚାୟତର ଫୁଲବଣୀ ଠାରେ ଦୀର୍ଘ ୭୫ବର୍ଷ ଧରି କାମଦେବ ଭୂୟାଁଙ୍କ ପରିବାରରେ ବାସନ୍ତୀ ପୂଜା ପାଳିତ ହୋଇଆସୁଛି। ଏହା ବଂଶାନୁକ୍ରମ ଅନୁଯାୟୀ, ମହେନ୍ଦ୍ର ଭୂୟାଁ, ଈଶ୍ୱର ଭୂୟାଁ, ବାବୁରାମ ଭୂୟାଁ ଆଦିଙ୍କ ଦ୍ୱାରା ପାଳିତ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ଶିକ୍ଷାବିତ କାମଦେବ ଭୂୟାଁ, ଡ. ଶୁକଦେବ ଭୂୟାଁ ପ୍ରମୁଖଙ୍କ ପୃଷ୍ଠପୋଷକତାରେ ଏହା ଅନୁଷ୍ଠିତ ହେଉଛି। ମା' ବାସନ୍ତୀ ଦୁର୍ଗାଙ୍କର ଚୈତ୍ର ମାସରେ ଏହି ପୂଜା ହେଉଥିବାରୁ ଅନେକ ସ୍ଥାନରେ ଏହାକୁ ଚୈତ୍ର ଚଣ୍ଡୀ କୁହାଯାଉଥିବା ବେଳେ ଆଉ କିଛି ସ୍ଥାନରେ ଏହାକୁ ବାସନ୍ତୀ ପୂଜା ବୋଲି କୁହାଯାଏ। କିନ୍ତୁ ଭୂୟାଁ ପରିବାର ସନ୍ନିକଟ ସ୍ଥାନୀୟ ଅଞ୍ଚଳରେ ତାହା ମଧୁ ପାର୍ବଣ ରୂପେ ଖ୍ୟାତିଲାଭ କରିଛି। ରବିବାର ସନ୍ଧ୍ୟାରେ ବିଶ୍ୱାଧିବାସ ହୋଇ ଧରାପୃଷ୍ଠକୁ ମା'ଙ୍କୁ ଆବାହନ କରାଯାଇଥିଲା। ସୋମବାର ସପ୍ତମୀ ପୂଜା ହୋଇଥିବା ବେଳେ ମଙ୍ଗଳବାର ଅଷ୍ଟମୀ ପୂଜା ବୁଧବାର ନବମୀ ପୂଜାରେ ଶହଶହ ଅଞ୍ଚଳ ବାସୀ ସେଠାରେ ପହଞ୍ଚି ମାଁଙ୍କ ଠାରେ ବ୍ରତ କରିଥାଆନ୍ତି। ଗୁରୁବାର ଦଶମୀ ପୂଜା ହୋଇ ଶେଷ ହେବାକୁ ଥିବା ବେଳେ ପ୍ରତ୍ୟହ ସନ୍ଧ୍ୟା ଆଳତୀ ସମୟରେ ବେଶ ଭିଡ ଜମିଥାଏ। ସମସ୍ତ ଭୂୟାଁ ପରିବାରର ସହଯୋଗରେ ଏହା ଅନୁଷ୍ଠିତ ହେଉଥିବାବେଳେ ସମଗ୍ର ବିଶ୍ୱବାସୀଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ଏହା ପାଳିତ ହୋଇଆସୁଛି ବୋଲି ସେମାନେ ପ୍ରକାଶ କରିଛନ୍ତି।

## ଗାଁ ମଝିରେ କୁକୁଡ଼ା ଫାର୍ମ, ଦୁର୍ଗନ୍ଧରେ ଅତିଷ୍ଠ ଗ୍ରାମବାସୀ

ବଳରାମପୁର, ୧୬।୪(ସମିସ): ସରକାର ଯୁବକ ଯୁବତୀମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଥାନ୍ତି। ଆଉ ଏହି ଯୋଜନା ମାନଙ୍କ ମଧ୍ୟରୁ ପଶୁ ଓ ପ୍ରାଣୀ ବିଭାଗ ଦ୍ୱାରା କୁକୁଡ଼ା ଫାର୍ମ ପ୍ରତିଷ୍ଠା ଅନ୍ୟତମ। ମାତ୍ର ଏହି ବ୍ୟବସାରେ ପରିବେଶ ଓ ସ୍ୱଛତା ଉପରେ ପ୍ରଭାବ ପଡୁ ଥିବାରୁ ପ୍ରକଳ୍ପ ଚୟନ ଓ କାର୍ଯ୍ୟକାରିତାରେ ସରକାରଙ୍କ ନିର୍ଦ୍ଦିଷ୍ଟ ମାନଦଣ୍ଡ ଓ ମାପକାଠି ରହିଛି। ହେଲେ କିଛି ଅସାଧୁ ବ୍ୟବସାୟୀ ବିଭାଗ ର କର୍ମଚାରୀ ଏବଂ କିଛି ରାଜନେତା ଙ୍କୁ ହାତ କରି ସରକାରୀ ଯୋଜନାରେ କୁକୁଡ଼ା ଫାର୍ମକୁ ବେଆଇନ ଭାବେ ଗାଁ ନିକଟ ରେ ପ୍ରତିଷ୍ଠା କରିଛନ୍ତି। ଯାହା ଏବେ ଗ୍ରାମବାସୀଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି।
ସୂଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ମଧୁପୁରା ପଞ୍ଚାୟତର ହାସିମପୁର ଗ୍ରାମରେ ସ୍ଥାନୀୟ ଦେଉଳା ଗ୍ରାମର ବ୍ୟକ୍ତି ତାଙ୍କ ପ୍ଲଟକୁ ଲାଗି ରହିଥିବା ଗ୍ରାମ୍ୟ ଜଙ୍ଗଲ କୁ ଘେରି ବେଆଇନ ଭାବେ କୋଡିଏ ହଜାର କୁକୁଡ଼ା ସଂଖ୍ୟା ବିଶିଷ୍ଟ ଫାର୍ମ କରିଛନ୍ତି। ସରକାରଙ୍କ ନିୟମ ଅନୁସାରେ ଏହି ପ୍ରକଳ୍ପ ଟି ସାଧାରଣ ଲୋକେ ବ୍ୟବହାର କରୁଥିବା ଜଳାଶୟ ଠାରୁ ଶହେ ମିଟର ଦୂର ଏବଂ ଗ୍ରାମ୍ୟ ବସତିଠାରୁ ୫୦୦ ମିଟର ଦୂର ହେବା ଆବଶ୍ୟକ। ମାତ୍ର କୁକୁଡ଼ା ଫାର୍ମଟି ସରକାରଙ୍କ ଏହି ନିୟମକୁ ଉଲ୍ଲଘନ କରି ପ୍ରତିଷ୍ଠା ହୋଇଅଛି। ଯାହାଫଳରେ ସ୍ଥାନୀୟ ଗ୍ରାମବାସୀ ଏହି ଫାର୍ମକୁ ବିରୋଧ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ବାୟୁ ମଣ୍ଡଳ ଦୂଷିତ ହୋଇ ଗାଁ ରେ ଦୁର୍ଗନ୍ଧ କରିବାରୁ ଫାର୍ମ ନିକଟ ରେ ଥିବା ଜଳାଶୟ କୁ ସ୍ଥାନୀୟ ଗ୍ରାମବାସୀ ଦୈନିକ ଘରୋଇ କାମରେ ବ୍ୟବହାର କରିବା, ସ୍ଥାନୀୟ ନଳକୂପ କୁ ବ୍ୟବହାର କରି ପାଣି ପିଇବା, ଗ୍ରାମରେ ଥିବା ସରକାରୀ ପ୍ରାଥମିକ ଓ ଉଚ୍ଚ ମାଧ୍ୟମିକ ୫-ଟି ବିଦ୍ୟାଳୟ ଫାର୍ମ ଠାରୁ ଦୁଇଶହ ମିଟର ଭିତରେ ରହିଥିବାରୁ ପିଲାଙ୍କୁ ପାଠ ପଢ଼ିବା, ମଧ୍ୟାହ୍ନ ଭୋଜନ କରିବା, ଛାତ୍ରବାସ ରହିବା ଆଦି ସମସ୍ୟା ହେବା ସହିତ ବିଭିନ୍ନ ରୋଗରେ ଶିକାର ହେଉଛନ୍ତି ବୋଲି ଗ୍ରାମବାସୀ ପୂର୍ବରୁ ବ୍ଲକ ପ୍ରାଣୀ ନିରୀକ୍ଷକ, ବାଲିଆପାଳ ଏବଂ ବ୍ଲକ ଉନ୍ନୟନ ଅଧିକାରୀ, ବାଲିଆପାଳ ଙ୍କ ଠାରେ ଅଭିଯୋଗ କରିଥିଲେ। ତେବେ ବ୍ଲକ ପ୍ରଶାସନ ର ହସ୍ତକ୍ଷେପ ପରେ ଫାର୍ମଟି କିଛି ଦିନ ହେଲା ବନ୍ଦ ରହିଥିଲା। ମାତ୍ର ବର୍ତ୍ତମାନ ପୁଣି ଫାର୍ମ ରେ କୁକୁଡ଼ା ଚାଷ ଆରମ୍ଭ ହେବାରୁ ଗ୍ରାମବାସୀ ଓ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ନିଜ ସ୍ୱାସ୍ଥ୍ୟର ସୁରକ୍ଷାକୁ ଚିନ୍ତାରେ ଅଛନ୍ତି। ଗ୍ରାମବାସୀ ଓ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ପ୍ରଶାସନ ପୁଣି ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଗଣମାଧ୍ୟମ ଜରିଆରେ ଗ୍ରାମବାସୀ ମାନେ ନିବେଦନ କରିବା ସହିତ ସମସ୍ୟାର ସମାଧାନ ନ ହେଲେ ଆଗକୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଜନସାଧାରଣ ପ୍ରକାଶ କରିଛନ୍ତି।

# ଧାନ ଫସଲ ଉଜାଡ଼ି ଦେଲା କାଣ୍ଡବିନ୍ଧା ପୋକ





ରାଇବଣିଆ/ରାଜଘାଟ, ୧୬।୪(ସମିସ):

ଆଉ କେତୋଟି ଦିନ ପରେ ଧାନ ଅମଳ ହୋଇଥାନ୍ତା। ହେଲେ ଫସଲ ଉଜାଡି ଦେଉଛି କାଣ୍ଡବିନ୍ଧା ପୋକ। ଅମଳ ସମୟରେ ସୁନାର ଫସଲ ନଷ୍ଟ ହେଉଥିବା ଦେଖି ମୁଣ୍ଡରେ ହାତ ଦେଇ ବସିଛି ଚାଷୀ। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ରାଇବଣିଆ, ଖୁଆଡ, କାଳିକ, ଶ୍ୟାମନଗର, ସର୍ଦ୍ଦାରବନ୍ଧ, ଓଲମରା, କଳମା, ଶିଖରପୁର, ଶ୍ରୀରାମପୁର, ଖୁଦୀଆମାଝୀସାହି, ଦକ୍ଷିଣପ୍ରହରାଜପୁର, ବରଡ଼ିହା, ଚମାରଗାଁ, ଆଦି ପଞ୍ଚାୟତରେ ଚଳିତ ରବି ଋତୁରେ ପାଖାପାଖି ୧୦୦୦ ହେକ୍ଟର ଜମିରେ ଧାନଚାଷ କରାଯାଇଛି। ରବି ଋତୁରେ ଚାଷ କାର୍ଯ୍ୟରେ ଅଧିକ ଖର୍ଚ୍ଚ ହେଉଥିବାରୁ ଲୋକେ ସେବା ସମବାୟ ବ୍ୟାଙ୍କରୁ ଋଣ ଆଣିବା ସହିତ ଧାର କରଜ କରି ଚାଷ କରିଛନ୍ତି। ହେଲେ ସେଥିରେ ଦାଉ ସାଧୁଛି କାଣ୍ଡବିନ୍ଧା ପୋକ। ଏହା କାଣ୍ଡବିନ୍ଧା ରୋଗ ବା ଷ୍ଟେମ୍ବର ରୋଗ ବୋଲି ମଧ୍ୟ କୁହାଯାଉଛି। ଧାନ କେଣ୍ଡା ସବୁ ଶୁଖି ଯାଇ ଫସଲ ନଷ୍ଟ ହେବାରେ ଲାଗିଛି। ଏକର ପିଛା ୨୦ରୁ ୨୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୪୫ ହଜାର ଟଙ୍କା ପର୍ଯ୍ୟନ୍ତ ଫସଲ ଅମଳର ଆଶା ରଖିଥିଲେ ଚାଷୀ ମାନେ। ହେଲେ ଏହି କାଣ୍ଡ ବିନ୍ଧା ପୋକ ସବୁ ଉଜାଡି ଦେଇଛି। ବିଭିନ୍ନ ରାସାୟନିକ ପ୍ରୟୋଗ କରି ମଧ୍ୟ କୌଣସି ଲାଭ ମିଳୁନି। ରାଇବଣିଆ ଅଞ୍ଚଳରେ ଚଳିତ ରବି ଋତୁରେ ପାଖାପାଖି ୧୦୦୦ ହେକ୍ଟର ଜମିରେ ଧାନଚାଷ କରାଯାଇଛି। ହେଲେ କାଣ୍ଡ ବିନ୍ଧାରୁ ନେଇ ଚକଡା ପୋକ ପର୍ଯ୍ୟନ୍ତ ଦାଉ ସାଧୁଛନ୍ତି। ଗ୍ରାମର ପ୍ରାୟ ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରି ଜୀବନ କାଟନ୍ତି। ହେଲେ ଚାଷ ର ଅମଳ ବେଳରେ ଦାଉ ସାଜିଛି ରୋଗ ପୋକ। ଅପର ପକ୍ଷେ କିଭଳି ଭାବେ କରଜ କରିଥିବା ଟଙ୍କା ପରିଶୋଧ କରିବେ ସେହି ଚିନ୍ତାରେ ଅଛନ୍ତି ଚାଷୀମାନେ। କିପରି ପରିବାର ଚଳାଇବେ ବର୍ଷସାରା। ଅମଳ ସମୟରେ ଚାଷ କ୍ଷତିଗ୍ରସ୍ତ ହେଉଥିବାର କୃଷି ବିଭାଗ ଏହାର ଅନୁଧ୍ୟାନ କରି କ୍ଷତିପୂରଣର ବ୍ୟବସ୍ଥା କରିବା ପାଇଁ ନିବେଦନ କରିଛନ୍ତି ଚାଷୀ।

**ଅମଳ ସମୟରେ ନଷ୍ଟ ହୋଇଗଲା ଏକର ଏକର ଫସଲ**

ସେହିପରି ବାଲେଶ୍ୱର ବସ୍ତା ବ୍ଲକ ବରୁଣଗଡ଼ିଆ ଝିଞ୍ଜିପୁରାରେ ଚଳିତ ରବି ଋତୁରେ ପାଖାପାଖି ଶହେ ହେକ୍ଟର ଜମିରେ ଧାନଚାଷ କରାଯାଇଛି। ଗାଁର ୮୦ ପ୍ରତିଶତ ଲୋକେ ଚାଷ ଉପରେ ନିର୍ଭର କରନ୍ତି। ରବି ଋତୁରେ ଚାଷ କାର୍ଯ୍ୟରେ ଅଧିକ ଖର୍ଚ୍ଚ ହେଉଥିବାରୁ ଲୋକେ ଧାର କରଜ କରି ଚାଷ କରିଛନ୍ତି। ହେଲେ ସେଥିରେ ଦାଉ ସାଧୁଛି ରୋଗ ପୋକ। ଝିଞ୍ଜିପୁରାରେ ଚଳିତ ରବି ଋତୁରେ ପାଖାପାଖି ଶହେ ହେକ୍ଟର ଜମିରେ ଧାନଚାଷ କରାଯାଇଛି। ହେଲେ କାଣ୍ଡ ବିନ୍ଧାରୁ ନେଇ ଚକଡା ପୋକ ପର୍ଯ୍ୟନ୍ତ ଦାଉ ସାଧୁଛନ୍ତି। ଗ୍ରାମର ପ୍ରାୟ ଲୋକ ଚାଷ ଉପରେ ନିର୍ଭର କରି ଚଳୁଥିବା ବେଳେ ଏବେ ଧାର କରଜ କିଭଳି ସୁଝିବେ ଓ ପରିବାର କିଭଳି ଚଳାଇବେ ସେ ନେଇ ପଡ଼ିଛନ୍ତି ଚିନ୍ତାରେ। ଏ ନେଇ କିଛି ସାହାଯ୍ୟ ଆଶା କରିଛନ୍ତି ଚାଷୀମାନେ। ତେବେ ଅମଳ ସମୟରେ ଚାଷ କ୍ଷତିଗ୍ରସ୍ତ ହେଉଥିବାର କୃଷି ବିଭାଗ ଏହାର ଅନୁଧ୍ୟାନ କରି କ୍ଷତିପୂରଣର ବ୍ୟବସ୍ଥା କରିବା ପାଇଁ ନିବେଦନ କରିଛନ୍ତି ଚାଷୀ।

## ବାଲିଆପାଳ ସାର୍ବଜନୀନ ବାସନ୍ତୀ ପୂଜା ଶୁଭାରମ୍ଭ

ବଳରାମପୁର, ୧୬।୪(ସମିସ): ବାଲିଆପାଳ ଗ୍ରାମ ପଞ୍ଚାୟତର ସାର୍ବଜନୀନ ବାସନ୍ତୀ ପୂଜା ବାଲିଆପାଳ ବସଷ୍ଟାଣ୍ଡ ସ୍ଥିତ ଦୁର୍ଗାମାତା ମଣ୍ଡପରେ ଶୁଭାରମ୍ଭ ହୋଇଛି।ରବିବାର ଷଷ୍ଠୀରେ ବିଲ୍ୱଧିବାସ ପରେ ସୋମବାର ସପ୍ତମୀ ଅବସରରେ ସୁବର୍ଣ୍ଣରେଖା ନଦୀରୁ ଘଟଉତ୍ତୋଳନ ପରେ ମା' ବାସନ୍ତୀଙ୍କ ପୂଜା ଆରମ୍ଭ ହୋଇଛି। ଅଷ୍ଟମୀ ପରେ ବୁଧବାର ନବମୀ ପୂଜା ପରେ ଗୁରୁବାର ଦଶହରା ଅନୁଷ୍ଠିତ ହୋଇ ଅପରାଜିତା ପରେ ପୂଜା ଶେଷ ହେବ। ପଣ୍ଡିତ କମଳ ଲୋଚନ ପଣ୍ଡା (ଟୀକା ନାନା)ଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ନାରାୟଣ ପଣ୍ଡା, ଜଗନ୍ନାଥ ପଣ୍ଡା, କମଳ ଲୋଚନ ପଣ୍ଡା ଓ ହିମାଂଶୁ ପଣ୍ଡା ପ୍ରମୁଖ ପୂଜା କାର୍ଯ୍ୟରେ ନିୟୋଜିତ ହୋଇଥିବା ବେଳେ ପୂଜା କମିଟିର ସମ୍ପାଦକ ସାମ୍ବାଦିକ ଅଜୟ କୁମାର ସାହୁ, ସରପଞ୍ଚ ପ୍ରତିନିଧି ହେମନ୍ତ ଦାସ, ବରିଷ୍ଠ ସଦସ୍ୟ ପୂର୍ବତନ ସରପଞ୍ଚ ମଧୁସୂଦନ ବାରିକ, ପଞ୍ଚାନନ ପଣ୍ଡା, ଅଜିତ କୁମାର ପାତ୍ର, କର୍ତ୍ତା ସାଧୁ ଭୋଳ, ଭାସ୍କର ଚନ୍ଦ୍ର ସାହୁ, ପ୍ରିୟନାଥ ସେଠୀ, କାଳିଚରଣ ଦେ, ପ୍ରାଣକୃଷ୍ଣ ସାହୁ, କମଳା କାନ୍ତ ସାହୁ, ଗିରିଶ ଚନ୍ଦ୍ର ପାତ୍ର, ବୁଧିରାମ ବେହେରା, ଜଗନ୍ନାଥ ସାହୁ, ମଧୁସୂଦନ ପ୍ରମାଣିକ, ଜଗନ୍ନାଥ ବାରିକ, ଅରୁଣ ପାତ୍ର, ରଘୁନାଥ ଜେନା ପ୍ରମୁଖ ପୂଜା କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରୁଥିବା ବେଳେ ବାଲିଆପାଳ ଆଇ ଆଇ ସି ସଦାନନ୍ଦ ନାୟକଙ୍କ ସହଯୋଗରେ ଚଳିତ ବର୍ଷ ମା ବାସନ୍ତୀଙ୍କ ପୂଜା ଅନୁଷ୍ଠିତ ହେଉଛି। କାରଣ କେଉଁ କାଳରୁ ସ୍ୱାଧୀନତା ପୂର୍ବରୁ ବାଲିଆପାଳ ଥାନା ପକ୍ଷରୁ ବାସନ୍ତୀ ପୂଜା ଅନୁଷ୍ଠିତ ହେଉଥିଲା। ମାତ୍ର ପାଞ୍ଚ ବର୍ଷ ହେଲା ଦୁର୍ଗା ପୂଜା କମିଟି ବାସନ୍ତୀ ପୂଜା ପରିଚାଳନା କରୁଥିବା ଜଣାଯାଇଛି।

## ବସ୍ତାରେ କଂଗ୍ରେସ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା

ରାଜଘାଟ, ୧୬।୪ (ସମିସ): ପ୍ରଦେଶ କଂଗ୍ରେସ ପକ୍ଷରୁ ଗତ ଚଉଦ ତାରିଖରେ ପ୍ରାର୍ଥୀ ଘୋଷଣା ପରେ କଂଗ୍ରେସ ପ୍ରାର୍ଥୀ ବିଜନ ନାୟକଙ୍କୁ ବସ୍ତା ନିର୍ବାଚନ ମଣ୍ଡଳୀର ବସ୍ତା ବ୍ଲକର ୧୭ଟି ପଞ୍ଚାୟତର କଂଗ୍ରେସ କର୍ମୀ ଓ ନେତୃତ୍ୱ ମାନେ ସମ୍ବର୍ଦ୍ଧିତ କରିଥିଲେ। ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ତଥା ଭଦ୍ରକ ଲୋକସଭା ନିର୍ବାଚନ ପର୍ଯ୍ୟବେକ୍ଷକ ସୁଧାଂଶୁ ଶେଖର ଜେନାଙ୍କ ତତ୍ତ୍ୱାବଧାନରେରେ ମୁକୁଳିଶି ଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଥିଲା। ସରପଞ୍ଚ ଅମୀତ ବିଶ୍ୱାଳ ଓ ମୁକୁଳିଶି ପଞ୍ଚାୟତ କଂଗ୍ରେସ ସଭାପତି ପିତାମ୍ବର ପ୍ରଧାନ ଓ ଅନ୍ୟ ନେତୃତ୍ୱଙ୍କ ଉପସ୍ଥିତିରେ ତାରିଣୀ ମନ୍ଦିରରେ ପୂଜାପାଠ କରାଯାଇ ଶ୍ରୀ ନାୟକଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଏହି ଶୋଭାଯାତ୍ରା ଦରଡା ଓ ଗାନ୍ଧୀଛକରେ ପହଞ୍ଚିଥିଲା।ଏହି ଶୋଭାଯାତ୍ରା ସମୟରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରୀ ନାୟକ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏହାପରେ ଶୋଭାଯାତ୍ରାଟି ବସ୍ତା ବଜାର ଦେଇ ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତାଙ୍କ ବାସଭବନରେ ପହଞ୍ଚି ଥିଲା। ସଭାପତି ସତ୍ୟନାରାୟଣ ଗୁପ୍ତାଙ୍କ ସଭାପତିତ୍ୱରେ ୧୭ଟି ପଞ୍ଚାୟତର ସଭାପତି, କର୍ମକର୍ତ୍ତା ଓ ଶୁଭେଚ୍ଛୁ ମାନେ ଶ୍ରୀ ନାୟକଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ରାଜଘାଟ, ୧୬।୪ (ସମିସ): ବସ୍ତା ଥାନା ଅଧୀନସ୍ଥ କୁଳିଦା ପଞ୍ଚାୟତ ଅନ୍ତର୍ଗତ ଗୋଡ଼ିଖାଳ ନଦୀରୁ ମଙ୍ଗଳବାର ଜଣେ ଯୁବକର ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ କୁଳିଦା ପଞ୍ଚାୟତ ଅନ୍ତର୍ଗତ ଯୁଣବଳଦା ଆଦିବାସୀସାହି ଗ୍ରାମର ବାପି ମାରାଣ୍ଡି(୩୧)। ସୂଚନା ଅନୁସାରେ ବାପି ଗତକାଲି ରାତ୍ରିଭୋଜନ ସାରି ଶୋଇଥିଲେ। ବାପିଙ୍କ ମା' ଟିପିରି ମଧ୍ୟରାତ୍ରିରେ ବାହାରକୁ ଉଠି ପୁଅକୁ ମଶାରି ଭିତରେ ଶୋଇଥିବାର ଦେଖିଥିଲେ। ମାତ୍ର ଆଜି ଭୋର୍ ସମୟରେ ବାପିକୁ ଘରେ ନ ଥିବାର ଦେଖି ପରିବାର ଲୋକେ ଆଖପାଖରେ ବହୁ ଖୋଜାଖୋଜି କରିବା ପରେ ଶେଷରେ ପୁଅର ମୃତ ଶରୀର ବାଡ଼ିପଛ ନଦୀଘାଟର ୫ଫୁଟ ପାଣି ଭିତରେ ଭାସୁଥିବାର ଦେଖି ଗ୍ରାମବାସୀ ଓ ସ୍ଥାନୀୟ ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତିଙ୍କୁ ଖବର ଦେଇଥିଲେ। ସରପଞ୍ଚ ଶ୍ରୀମତି ସେନାପତି ଘଟଣା ସ୍ଥଳରେ ପହଞ୍ଚି ବସ୍ତା ଅଗ୍ନିଶମ ବାହିନୀ ଓ ଅମର୍ଦ୍ଦାରୋଡ ଫାଣ୍ଡିକୁ ଖବର ଦେଇଥିଲେ। ବସ୍ତା ଅଗ୍ନିଶମ ବିଭାଗ କେନ୍ଦ୍ରାଧିକାରୀ ପ୍ରତାପ ପାଲ ସଦଳବଳେ ସେଠାରେ ପହଞ୍ଚି ନଦୀରୁ ବାପିଙ୍କ ମୃତ ଦେହକୁ ଉଦ୍ଧାର କରି କୂଳକୁ ଆଣିଥିଲେ। ଫାଣ୍ଡି ଅଧିକାରୀ ସନ୍ଦିପ କୁଜୁର ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେପଟେ ନଦୀର ମାତ୍ର ଆଣ୍ଠୁଏ ପାଣିରେ ବାପିଙ୍କର ମୃତ ଦେହ ପଡ଼ିଥିବାରୁ ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରି ବାପିଙ୍କ ମା' ଘଟଣାର ବିଧିବଦ୍ଧ ତଦନ୍ତ କରାଯିବା ଲାଗି ଫାଣ୍ଡି ଅଧିକାରୀଙ୍କୁ ନିବେଦନ କରିଛନ୍ତି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

## ସାଇକଲ ଚୋରକୁ ପୁଲିସ ଜିମା

ଜଳେଶ୍ୱର ବ୍ଲକ, ୧୬।୪ (ସମିସ) : ଜଳେଶ୍ୱର ଥାନା ଅନ୍ତର୍ଗତ ପଦିମା ନିକଟରେ ମଙ୍ଗଳବାର ସକାଳ ୮ ଟାରେ ସାଇକଲ ଚୋରକୁ ଧରି ନାମ୍ପୋ ପୁଲିସ ଫାଣ୍ଡି ଜିମାରେ ଦେଇଛନ୍ତି ସ୍ଥାନୀୟ ଲୋକେ। ସୂଚନା ଅନୁଯାୟୀ ଏହି ବ୍ୟକ୍ତି ଜଣଙ୍କ ସାଇକଲ ଚୋରି କରି ନେଇ ଯାଉଥିବା ସମୟରେ ସ୍ଥାନୀୟ ଲୋକେ ତାଙ୍କୁ ଧରି ଏକ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ମାଡ ମାରିଥିଲେ। ଖବର ପାଇ ନାମ୍ପୋ ଫାଣ୍ଡି ଅଧିକାରୀ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ସେଠାରୁ ଉଦ୍ଧାର କରି ଘଟଣାର ଅଧିକ ତଦନ୍ତ ଜାରୀ ରଖି

## ୯ ନମ୍ବର ୱାର୍ଡରେ ବିଜେଡିର ସାଂଗଠନିକ ବୈଠକ

ଜଳେଶ୍ୱର ବ୍ଲକ, ୧୬।୪ (ସମିସ) : ଜଳେଶ୍ୱର ପୌରାଞ୍ଚଳ ଅନ୍ତର୍ଗତ ୯ ୱାର୍ଡର ମଙ୍ଗଳାତଳା ଠାରେ ବିଜେଡିର ସାଂଗଠନିକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି।ଅପରାହ୍ନରେ ଆୟୋଜିତ ସଭାରେ ବରିଷ୍ଠ ବିଜେଡି ନେତା ଗଣେଶ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ବିଧାୟକ ପ୍ରାର୍ଥୀ ଅଶ୍ୱନୀ କୁମାର ପାତ୍ର, ନଗରପାଳ ପ୍ରତୀପ କୁମାର ପ୍ରଧାନ, ନଗର ବିଜେଡି ସଭାପତି ସୁରଜିତ ଘୋଷ, କାଉନସିଲର ସେକ ସୟଫୁଦ୍ଦିନ, ସୁଶାନ୍ତ କୁମାର ସାହୁ, ମିର ଆବାସ ଅଲ୍ଲୀ, ସୁରଜ୍ ଚୌରାସିୟା, ସତ୍ୟବତୀ ଗିରି, କବିତା ଧଳ, ସତ୍ୟ ରଞ୍ଜନ ଦାସ ମହାପାତ୍ର ପ୍ରମୁଖ ବିଜେଡି ସରକାରଙ୍କ ସମସ୍ତ ଜନ ହିତକର ଯୋଜନା ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟ ନେତୃବୃନ୍ଦ ମଧ୍ୟରେ ସମେରେନ୍ଦ୍ର ପରିଡ଼ା, ଅନନ୍ତ ଦାସ, ଭରତ ଦତ୍ତ, ମଧୁସୂଦନ ଦତ୍ତ, ଅନନ୍ତ ଦତ୍ତ, ଅମର କୁମାର ବେହେରା ପ୍ରମୁଖ ଉପସ୍ଥିତ ହୋଇ ଦଳୀୟ ସାଂସଦ ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କୁ ଅଧିକ ଭୋଟରେ ବିଜୟ କରିବା ପାଇଁ ନିବେଦନ କରିଥିଲେ। ସମସ୍ତ ଯୋଜନା ଓ ତା'ର ସଫଳ ରୂପାୟନ ହୋଇଥିବା ସୂଚନା ଦେଇଥିଲା ବେଳେ ସ୍ଥାନୀୟ ୱାର୍ଡର କାଉନସିଲର ଗୋବିନ୍ଦ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେବା ସହିତ ଦଳର ସଂଗଠନକୁ ମଜବୁତ କରିବା ପାଇଁ ନିବେଦନ କରିଥିଲେ। ସୁଧୀର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




## ସାଉଣ୍ଡ ବାଜିବା ପୂର୍ବରୁ ରାସ୍ତାରୁ ଉଠାଇ ନେଲା ପୁଲିସ

# ଦୁଇଟି ଇଞ୍ଜିନ ରିକ୍ସା ସହ ଡିଜେ ସାଉଣ୍ଡ ସେଟ୍ ଜବତ, ୬ ଅଟକ



ଭୋଗରାଇ/ଚୌକି, ୧୬।୪ (ସମିସ) : ବିଭିନ୍ନ ପୂଜା ଉତ୍ସବର ଭସାଣି ଶୋଭାଯାତ୍ରା ଓ ବିବାହ ଶୋଭାଯାତ୍ରାରେ ପ୍ରାଣଘାତୀ ଡିଜେ ସାଉଣ୍ଡ ସିଷ୍ଟମ ବ୍ୟବହାର ସାଧାରଣ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। ଛୋଟ ଛୋଟ ଶିଶୁ, ରୋଗୀ, ବୃଦ୍ଧ ବୃଦ୍ଧା ମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହା ବିରୋଧରେ ଭୋଗରାଇ ଥାନା ପୁଲିସ ବିଭିନ୍ନ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲେ ମଧ୍ୟ ବିଭିନ୍ନ ପୂଜା ଉତ୍ସବ ଓ ଶୋଭାଯାତ୍ରା ଆୟୋଜକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହେଉନାହିଁ। ଅଗ୍ନି ବର୍ଷା ସହିତ ପବନ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଥିଲା ବେଳେ ମଙ୍ଗଳବାର ରସଲପୁର ପଞ୍ଚାୟତ ଅନ୍ତର୍ଗତ ପଥରଘାଟା ଗ୍ରାମରେ ଆୟୋଜିତ ରାମନବମୀ ପୂଜା ଅନୁଷ୍ଠାନ ପାଇଁ ପଶ୍ଚିମବଙ୍ଗ ଅଞ୍ଚଳର 'ଏମ ମ୍ୟୁଜିକ' ଡିଜେ ସାଉଣ୍ଡ ସିଷ୍ଟମ ସେଟ ଦୁଇଟି ଇଞ୍ଜିନ ରିକ୍ସାରେ ବୋଝେଇ ହୋଇ ଥାନାଛକ -ଭୋଗରାଇ ହାଟ ମୁଖ୍ୟ ରାସ୍ତାରେ ଯାଉଥିଲା। ଖବର ପାଇ ଭୋଗରାଇ ଥାନା ପୁଲିସ ପଛରୁ ଗୋଡାଇ ସୁଲତାନପୁର ପଞ୍ଚାୟତ ଅନ୍ତର୍ଗତ ବାଇତପୁର ଠାରେ ସମ୍ପୃକ୍ତ ଦୁଇଟି ଇଞ୍ଜିନ ରିକ୍ସା ସହ ଡିଜେ ସାଉଣ୍ଡ ସିଷ୍ଟମ ସେଟକୁ ଅଟକାଇବା ସହିତ ଜବତ କରି ଥାନାକୁ ଆଣିଥିଲା। ଏହାସହିତ ସାଥିରେ ଥିବା ଇଞ୍ଜିନ ରିକ୍ସା ଚାଳକ ଓ ଡିଜେ ଅପରେଟରଙ୍କୁ ମିଶାଇ ସମୁଦାୟ ୬ ଜଣଙ୍କୁ ଥାନାକୁ ଆଣି ପୁଲିସ ଅଟକ ରଖିଥିବା ଜଣାପଡ଼ିଛି। ଏହାକୁ ନେଇ ଭୋଗରାଇ ଅଞ୍ଚଳର ଡିଜେ ମାଲିକ ଏବଂ ବିଭିନ୍ନ ପୂଜା, ଉତ୍ସବ ଓ ଶୋଭାଯାତ୍ରା ଆୟୋଜକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ସମ୍ପୃକ୍ତ ଡିଜେ ମାଲିକଙ୍କ ସମେତ ପୂଜା ଆୟୋଜକଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।

## ମହୁମୁହାଣରେ ବାସନ୍ତୀ ଦୁର୍ଗାପୂଜା ଉତ୍ସବ

ସୋର, ୧୬।୪(ସମିସ): ସୋର ବ୍ଲକ ମହୁମୁହାଣ ଗ୍ରାମସ୍ଥ ମନମୋହନ ମହାପାତ୍ର ସ୍ମୃତି କମିଟି ତରଫରୁ ପ୍ରତିବର୍ଷ ପରି ଚଳିତବର୍ଷ ବାସନ୍ତୀ ଦୁର୍ଗାପୂଜାତ୍ସୋବ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଗତକାଲି ଘଟୋତ୍ତଳନ ଏବଂ ସପ୍ତମୀ ପୂଜା ପରେ ଆଜି ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଗ୍ରାମର ବହୁ ମାନସିକ ବ୍ରତୀମାନେ ପୂଜାର୍ଚ୍ଚନା କରିଥିଲେ। ମୁଖ୍ୟ ପୂଜକ ଭାବେ ରାହାସ ପଣ୍ଡା ପୂଜା କାର୍ଯ୍ୟ ପରିଚାଳନା କରିଥିବା ବେଳେ ପଦ୍ମନାଭ ଦାସ, ଅଭିଜିତ ପାଣିଗ୍ରାହୀ ସହଯୋଗ କରିଥିଲେ। ଏହାକୁ ଦେବେନ୍ଦ୍ର କୁମାର ପ୍ରଧାନ, କ୍ଷେତ୍ରମୋହନ ମହାପାତ୍ର, ଚନ୍ଦ୍ରମୋହନ ମହାପାତ୍ର, ସୁନ୍ଦର ମୋହନ ମହାପାତ୍ର, ହରମୋହନ ମହାପାତ୍ର, ଗୋଲକ ମୋହନ ମହାପାତ୍ର, ଜଗମୋହନ ମହାପାତ୍ର ପରିଚାଳନା କରିଥିବା ବେଳେ ରମେଶ ବିଶ୍ୱାଳ, ସୁନୀଲ ମହାପାତ୍ର, ଗୋବିନ୍ଦ ମହାପାତ୍ର, ଅନୀଲ ମହାପାତ୍ର ଶିବରାଜ ମହାପାତ୍ର, ସଞ୍ଜୀବ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ଭଲିବଲ ପ୍ରତିଯୋଗିତା ଉଦ୍‌ଘାଟିତ



ଭୋଗରାଇ, ୧୬।୪ (ସମିସ) : ଭୋଗରାଇ ବ୍ଲକ ସୋହରିଆ ପଞ୍ଚାୟତ ଅନ୍ତର୍ଗତ ସୋହରିଆ ଗ୍ରାମରେ ସାର୍ବଜନୀନ ବାସନ୍ତୀ ପୂଜା ଉପଲକ୍ଷେ ୪ ଦିନିଆ ଭଲିବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ହରପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ଏହି ଭଲିବଲ ପ୍ରତିଯୋଗିତାକୁ ଗ୍ରାମ୍ୟ କମିଟି ସଭାପତି ରାଧାକୃଷ୍ଣ ମହାନ୍ତି ଉଦଘାଟନ କରିଥିଲେ। ଲିଗ ମ୍ୟାଚ ଭଲିବଲ ପ୍ରତିଯୋଗିତାରେ ବାଣିଦା, ଏଗ୍ରା, ଜାମକୁଣ୍ଡା ଓ ଚନ୍ଦନେଶ୍ୱର ଭଲିବଲ ଦଳ ଅଂଶଗ୍ରହଣ କରିଥିଲା ବେଳେ ବାଣିଦା ଓ ଏଗ୍ରା ଭଲିବଲ ଦଳ ମଧ୍ୟରେ ଉଦଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସ୍ତରର ରେଫରୀ ସଞ୍ଜିବ ପଣ୍ଡା, ସୁଶାନ୍ତ ସାହୁ ଓ ଶ୍ରୀହରି ଚରଣ ଦାସ ଖେଳ ପରିଚାଳନା କରିଥିଲେ। ଜୟନ୍ତ ତ୍ରିପାଠୀ, ସୁଶୀଲ ଦତ୍ତ, ସର୍ବେଶ୍ୱର ପ୍ରଧାନ, ବିନୟ ମଣ୍ଡଳ, ସୁବାଷ ଚନ୍ଦ୍ର ଦେ, ସତ୍ୟରଞ୍ଜନ ତ୍ରିପାଠୀ, ବିକ୍ରମ ବେହେରା, ବସନ୍ତ ବେହେରା, ଅନନ୍ତ ମହାନ୍ତି, ମନ୍ମଥ କର, ତପନ ମାହାନା, ସ୍ଥାନୀୟ ସରପଞ୍ଚ ଜଗନ୍ନାଥ ସେଠୀ, ଅଶୋକ ପାତ୍ର, ହରିହର ମଣ୍ଡଳ, ହରିହର ତ୍ରିପାଠୀ, ନନିଗୋପାଳ ବାରିକ, ଶ୍ରୀହରି ଚରଣ ଦାସ, ଗୌରାଙ୍ଗ କର, ବିମଳ ବେହେରା, ରାଖାଲ ମହାନ୍ତି ପ୍ରମୁଖଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ମାନେ ପରିଚାଳନା କରୁଛନ୍ତି।

# କୃଷ୍ଣ ସୁକୁରୀ କନ୍ୟାଶ୍ରମରେ ଅନିୟମିତତା ଅଭିଯୋଗ

ନୀଳଗିରି, ୧୬।୪(ସମିସ):

ନୀଳଗିରି ବ୍ଲକ ଅନ୍ତର୍ଗତ ଧୋବାଶିଳା ଗ୍ରାମ ପଞ୍ଚାୟତରେ ଥିବା କୃଷ୍ଣ ସୁକୁରୀ କନ୍ୟାଶ୍ରମରେ ଦୁର୍ନୀତିର ଗନ୍ଧ। ଏନେଇ ଅଞ୍ଚଳବାସୀ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ହସ୍ତଗତ ତଥ୍ୟ ଅନୁଯାୟୀ ଏହି ଆଶ୍ରମଟି ୧୯୮୬ ମସିହାରେ ସ୍ଥାପିତ ହୋଇଥିଲା। ସୂଚନା ଆଇନ ବଳରେ ୨୦୦୫ ମସିହାରେ ହସ୍ତଗତ ହୋଇଥିବା ତଥ୍ୟରୁ ଜଣାପଡ଼ିଛି ଏହି ଆଶ୍ରମ ରେ ନିରୀହ ମାତୃ, ପିତୃ ହୀନ ଏବଂ ଅନ୍ୟାନ୍ୟ ଅସହାୟ ପିଲା ରହୁଥିବା ସହିତ ଆଦିବାସୀ, ଦଳିତ, ନିରୀହ ସରଳ କୁନି କୁନି ବାଳିକା ପିଲା ମାନେ ଆଶ୍ରମର ଅନ୍ତେବାସିନ୍ଦା ଅଟନ୍ତି। ବିଭିନ୍ନ ସମୟରେ ଆଶ୍ରମ ରେ ଥିବା ପିଲାମାନଙ୍କୁ ମେନୁ ଅନୁଯାଇ ଖାଇବାକୁ, ପିନ୍ଧିବାକୁ ନ ଦେବା, ସେମାନଙ୍କ ସ୍ୱାସ୍ଥ୍ୟ ଖରାପ ହେଲେ ଠିକ୍ ଯତ୍ନ ନ ନେବା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଆଶ୍ରମରେ ରହୁଥିବା ପିଲାମାନଙ୍କୁ 'ମେନୁ' ଅନୁଯାୟୀ ଖାଦ୍ୟ ପ୍ରଦାନ କରାଯାଉ ନ ଥିବାରୁ ସେମାନଙ୍କର ରକ୍ତ ହୀନତା ଓ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖା ଯିବାର ଜଣା ପଡ଼ିଛି। ଆଶ୍ରମର ସମ୍ପାଦିକା ସୁଶୀଳା ସ ଏବଂ ସୁପରିଣ୍ଟେଣ୍ଡେଣ୍ଟ ରେଣୁବାଳା ନାୟକ ଧମକ ଚମକ ଦେଇ କାହା ଆଗରେ ତଥ୍ୟ ପ୍ରକାଶ ନ କରିବା ପାଇଁ ପିଲାମାନଙ୍କୁ କୁହାଯାଉଛି। ଆଶ୍ରମ ସ୍ଥାପନ ଠାରୁ ସୁଶୀଳା ସଙ୍କ ବୟସ ଏବେ ୭୭ ବର୍ଷ ହୋଇଥିଲେ ସୁଦ୍ଧା ସେ ସମ୍ପାଦିକା ଭାବେ ଅଦ୍ୟାବଧି କେଉଁ ଆଧାରରେ ରହିଅଛନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସରକାରଙ୍କ ନିଯୁକ୍ତି ନିୟମକୁ ଉଲଂଘନ କରି ସମ୍ପାଦିକା ସୁଶୀଳା ସ ଉକ୍ତ ଆଶ୍ରମ ପାଇଁ ଆବଶ୍ୟକ ବିଭିନ୍ନ ପଦ, ପଦବୀ ରେ ଶିକ୍ଷାଗତ ଯୋଗ୍ୟତା ନ ଥାଇ ମଧ୍ୟ ନିଜ ପରିବାରର ୯ ଜଣ ଓ ସମ୍ପର୍କୀୟମାନଙ୍କୁ ନିଯୁକ୍ତି ଦେବା ଓ ଆଶ୍ରମର ଆବଶ୍ୟକ ଥିବା ପଦବୀ ଠାରୁ ଅଧିକ ବେଆଇନ ଭାବେ ନିଯୁକ୍ତି ଦେଇ ପରବର୍ତ୍ତୀ ସମୟରେ ଚାକିରିରୁ ବାହାର କରିବା, ସରକାର ଅର୍ଥକୁ ଦୀର୍ଘ ବର୍ଷ ଧରି ଆତ୍ମସାତ କରିବାକୁ ନେଇ ଅଞ୍ଚଳ ବାସୀଙ୍କ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଆଶ୍ରମର ବିଭିନ୍ନ ସାମଗ୍ରୀ କ୍ରୟ କରି ଫଲ୍ସ ଭଉଚର୍ ଓ ବିଲ୍ ଦେଖାଯାଉଛି। ସରକାରଙ୍କ ଅର୍ଥ ଏବଂ ବଦାନ୍ୟ ବ୍ୟକ୍ତିଙ୍କ ପ୍ରଦାନ ଅର୍ଥରାଶିକୁ ସୁବିନିଯୋଗ ନ କରିବା, ନିଯୁକ୍ତି କ୍ଷେତ୍ରରେ ଜାଲିଆତି ତଥା ଶିକ୍ଷାଗତ ପ୍ରମାଣ ପତ୍ରର ଜାଲିଆତି ଓ ଅନ୍ତେବାସିନୀ ପିଲାଙ୍କ ସରକାରଙ୍କଠାରୁ ଆସୁଥିବା ସୁବିଧା ସୁଯୋଗରୁ ବଞ୍ଚିତ ଇତ୍ୟାଦି ସମ୍ପାଦିକା ଶ୍ରୀମତୀ ସ ଓ ସୁପରିଣ୍ଟେଣ୍ଡେଣ୍ଟ ରେଣୁବାଳା ନାୟକ କରୁଥିବା ବେଳେ ସାମଗ୍ରୀ ଯୋଗାଣରେ ଅନିୟମିତତା, ସମ୍ପାଦିକାଙ୍କ ପରିବାରର ସମସ୍ତ ସଦସ୍ୟ ସଦସ୍ୟାଙ୍କର ବିଭିନ୍ନ ବ୍ୟାଙ୍କର ପାସ ବହି ଓ ଆଶ୍ରମରେ ଥିବା ବିଭିନ୍ନ ବ୍ୟାଙ୍କର ପାସ ବହି ସହିତ କିଣା ଯାଉଥିବା ସମସ୍ତ ଜିନିଷ ର ଭିଜିଲାନ୍ସ ଦ୍ୱାରା ତଦନ୍ତ ସହିତ ବାଲେଶ୍ୱର ଜିଲ୍ଲାପାଳ, ମୁଖ୍ୟ ଶାସନ ସଚିବ, ୫-ଟି ଅଧ୍ୟକ୍ଷ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ଭିଜିଲାନ୍ସ ତଦନ୍ତ ଦାବି**

